# ଭିଟାମାଟି ଛାଡ଼ିବେ ଗଗୁଆ ଗ୍ରାମବାସୀ

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୨୨।୧୧

## ଶାରିଶୁଆ ପାହାଡ଼

- ଅବାଧରେ ଚାଲିଛି ଖଣି ଖନନ
- ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ଼ର ବନ୍ଧନଟା ଅଞ୍ଚଳରେ ବେଆଇନ ଖଣି ଖନନ ଜାରି ରହିଛି। ଦିନକୁ ଦିନ ଖଣି ବ୍ୟବହାରକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି। ଅନ୍ୟପକ୍ଷେ ମୃତ ଓ ଆହତଙ୍କ ସଂଖ୍ୟା ବଢ଼ିଚାଲିଛି। ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯାଉ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଏହା ପାଦଦେଶରେ ଥିବା ଗଗୁଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି।

ଖାତା ନମ୍ବର ୨ ଅନ୍ତର୍ଗତ ୫୩, ୫୪, ୯୯, ୧୦୨, ୧୦୩ ଖଣିଗୁଡ଼ିକରେ ବ୍ଲାଷ୍ଟିଂ ଯୋଗୁ ବହୁ ଗ୍ରାମବାସୀଙ୍କ ଘର ନଷ୍ଟ ହେଉଛି। ୧୦ ବର୍ଷରେ ୧୫ରୁ ଅଧିକ ଶ୍ରମିକ ମୃତ୍ୟୁବରଣ କରିସାରିଲେଣି। ଏବେ ନିକଟରେ ସେପ୍ଟେମ୍ବର ୧୬ ତାରିଖରେ ପ୍ରଫୁଲ୍ଲ ପରିଡ଼ା ନାମକ ଜଣେ ଶ୍ରମିକ ୫୩ ନମ୍ବର ଖଣିରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ସମୂହ ଗ୍ରାମବାସୀ ଭିଟାମାଟି ଛାଡ଼ିବାକୁ ବାଧ୍ୟ ହେବେ ବୋଲି ୱାର୍ଡସଭ୍ୟ ପୀତାମ୍ବର ନାଇକ, ସଞ୍ଜୟ କୁମାର ଦାସ, ତାପସ ବିଶ୍ୱାଳ, ବରଜୁ ନାଇକ ଓ ଶୁକଦେବ ନାଇକ ପ୍ରମୁଖ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ଲୋକସଂଖ୍ୟା ଅନ୍ୟୁନ ୧ ହଜାର ହୋଇଥିବା ବେଳେ ୯୦ ପ୍ରତିଶତ ଆଦିବାସୀ। ଏବେ ଶାରୀଶୁଆ ପାହାଡ଼କୁ ସରକାର ୫ବର୍ଷିଆ ନିଲାମ ଦେବା ପରେ କେତେକ ଖଣି ମାଲିକ ଅଳ୍ପ କିଛି ଖଣି ନିଲାମ ନେଇ ବହୁ ଖଣିକୁ ବେଆଇନ ଭାବେ ଖୋଲି ଟନ୍ ଟନ୍ ପଥର ଲୁଟ୍ କରୁଥିବା ଅଭିଯୋଗ ହୋଇଛି। ବଡ଼ ବଡ଼ ୱାଗନ ମେଶିନର ବହୁଳ ବ୍ୟବହାର ଯୋଗୁ ଧୂଳି ଧୂଆଁରେ ପରିବେଶ ପ୍ରଦୂଷିତ ହେଉଛି। ଏଥିଯୋଗୁ ଗ୍ରାମବାସୀ ରୋଗଗ୍ରସ୍ତ ହୋଇପଡୁଛନ୍ତି। ଖଣିରୁ ମାଟି ଧସି ୧୦ ଏକରରୁ ଊର୍ଦ୍ଧ୍ୱ ଚାଷଜମି ପୋତି ହୋଇପଡିଲାଣି। ଫଳରେ ବର୍ଷକର ଚାଷ ଉଜୁଡିଗଲାଣି । ଗାଁରେ ଥିବା ପୋଖରୀଗୁଡ଼ିକ ପ୍ରଦୂଷିତ ହେବା ଯୋଗୁ ତାହାର ପାଣି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ବ୍ଲାଷ୍ଟିଂ ଭୟରେ ବନ୍ୟଜନ୍ତୁମାନେ ଗାଁ ଗଣ୍ଡାରେ ପଶି ପ୍ରଭୂତ କ୍ଷତି ଘଟାଇ ଚାଲିଛନ୍ତି। ମାଫିଆଙ୍କ ପ୍ରାଦୁର୍ଭାବରୁ ବର୍ତ୍ତିପାରିନାହାନ୍ତି ଗ୍ରାମର ଆରାଧ୍ୟା ଦେବୀ ବାରୁଆଶୁଣୀ। ପଥରଖଣ୍ଡ ମାଡ଼ ଓ ମାଟି ଅତଡ଼ା ଧସିବା କାରଣରୁ ମନ୍ଦିର ଭାଙ୍ଗିରୁଜି ଯିବା ସହ ଗ୍ରାମବାସୀଙ୍କ ଭାବନାକୁ କୁଠାରାଘାତ କରିଛି। ଖଣି ମାଲିକଙ୍କ ଏତାଦୃଶ କାର୍ଯ୍ୟ ପ୍ରତିବାଦରେ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଥିଲେ। ସୋମବାର ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ ଏବଂ ଖଇରା ପୋଲିସ ଗଗୁଆ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଆଲୋଚନାରୁ କୌଣସି ସମାଧାନର ସୂତ୍ର ବାହାରିପାରିନାହିଁ। ତୁରନ୍ତ ଏ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିବେ। ଯଦି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ତହସିଲ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଆଗକୁ ଯାହାକିଛି ଘଟିବ, ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମର କମଳାକାନ୍ତ ଦାସ, ନିରଞ୍ଜନ ନାଇକ, ଶୈଳେନ ନାଇକ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ସାହୁଙ୍କୁ ଯୋଗାଯୋଗ କରାଯିବାରୁ ଗ୍ରାମବାସୀଙ୍କର ନଷ୍ଟ ହେଉଥିବା ଚାଷର କ୍ଷତି ଭରଣା ପାଇଁ ଖଣି ମାଲିକମାନେ ରାଜି ହୋଇଥିଲେ। ହେଲେ ଗ୍ରାମବାସୀ ଖଣି ନ ଚଳାଇବାକୁ ଜିଦ୍ ଧରିଥିବାରୁ ଆଲୋଚନା ଫଳପ୍ରଦ ହୋଇପାରିଲା ନାହିଁ।


ପଥରଗୁଣ୍ଡ ଓ ମାଟି ଅତଡ଼ା ଧସିବା ଯୋଗୁ ପୋତିହୋଇ ପଡିଥିବା ଚାଷଜମି।

## ସଂକ୍ଷେପରେ

### ଖଇରାରେ ବିଗ ବଜାର ଉଦ୍‌ଘାଟିତ

ଖଇରା,୨୨।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବଜାରରେ ପ୍ରଥମକରି ଏକ 'ବିଗ ବଜାର' ବୁଧବାର ଉଦ୍‌ଘାଟିତ ହୋଇଛି। ଖଇରା ଷ୍ଟେଟ ବ୍ୟାଙ୍କର ପରିଚାଳକ ବିଷ୍ଣୁ ଚରଣ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡା, ଶିକ୍ଷକ ରବୀନ୍ଦ୍ର ଦାଶ, ରାଜଶ୍ରୀ ଦାଶ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଂସ୍ଥା ଖଇରା ଅଞ୍ଚଳର ଉପଭୋକ୍ତାଙ୍କ ଆବଶ୍ୟକତା ପୂରଣ କରିପାରିବ ବୋଲି ଅତିଥିମାନେ କହିଥିଲେ। ବିଶ୍ୱଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

### ପଞ୍ଚୁକରେ ଆଧାତ୍ମିକ ପରିବେଶ

ବାଲିଆପାଳ,୨୨।୧୧(ଡି.ଏନ.ଏ.): କାର୍ତ୍ତିକ ମାସର ପବିତ୍ର ପଞ୍ଚକର ମହ ମହ ବାସ୍ନା ବାଲିଆପାଳ ବ୍ଲକର ସବୁ ଗାଁରେ ବାରିହୋଇ ପଡ଼ିଛି। ଚାରିଆଡ଼େ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଅଁଳା ନବମୀଠାରୁ ଆରମ୍ଭ ହୋଇଯାଇଛି ପଞ୍ଚକ ବ୍ରତ। ପଞ୍ଚୁକ ବ୍ରତ ପାଇଁ ଗାଁ ଗଣ୍ଡା ଉତ୍ସବ ମୁଖର ହୋଇପଡ଼ିଛି। ହବିଷ କରୁଥିବା ମହିଳା ମାନେ ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରି ତୁଳସୀ ଚଉରା ମୂଳେ ମୁରୁଜ ପକାଉଛନ୍ତି। ବୃନ୍ଦାବତୀଙ୍କୁ ପୂଜା କରିବା ସହ ବ୍ରାହ୍ମଣ ଗୋସାଇଁଙ୍କ ଦ୍ୱାରା କାର୍ତ୍ତିକ ମାହାତ୍ମ୍ୟ ଶୁଣୁଛନ୍ତି। ସକାଳେ ଓ ସନ୍ଧ୍ୟାରେ ଦେବ ଦର୍ଶନ ସହ ଚଉରା ମୂଳେ ଆକାଶ ଦୀପ ଟାଙ୍ଗିବା, ସକାଳେ ଭଜନ, ହରିନାମ ସଂକୀର୍ତ୍ତନରେ ଗାଁ ପରିବେଶ ଉତ୍ସବମୁଖ ହୋଇପଡିଛି।

### ୨ ଗୋଷ୍ଠୀ ମାରପିଟ, ୩ ଆହତ

ଖଇରା, ୨୨।୧୧(ଡି.ଏନ.ଏ.): ଖଇରା ବ୍ଲକ କୁପାରୀ ଫରେଷ୍ଟ ଗେଟ ସମ୍ମୁଖରେ ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇ ୩ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁବାର ଅପରାହ୍ନରେ କୁପାରୀ ଗୁଆପାଳ ରାସ୍ତାରେ ଟ୍ରକ ସାଇଡ୍ ଦେବାକୁ କେନ୍ଦ୍ର କରି ୨ ଗାଡିର ଡ୍ରାଇଭରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ପକ୍ଷର ମୃତ୍ୟୁଞ୍ଜୟ ଦାସଙ୍କ ଆକ୍ରମଣରେ ଅନ୍ୟ ଟ୍ରକର ଡ୍ରାଇଭର ବଟ ମାହୁନ୍ତ ଓ ବଳରାମ ଦାସ ଗୁରୁତର ହୋଇ ପଡ଼ିଥିଲେ । ସେହିଭଳି ବଳରାମ ଦାସଙ୍କ ଆକ୍ରମଣରେ ଅନ୍ୟପକ୍ଷର ମୃତ୍ୟୁଞ୍ଜୟ ଦାସ ଆହତ ହୋଇ ପଡିଥିଲେ। ଉଭୟ ପକ୍ଷରୁ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି ।

### କଂଗ୍ରେସର ମିଶ୍ରଣ ପର୍ବ

ବସ୍ତା,୨୨।୧୧(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବସ୍ତା ବ୍ଲକ ଆଗତମଳାରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଦେବୀପ୍ରସନ୍ନ ଚାନ୍ଦ, ଦଳର ରାଜ୍ୟ ସମ୍ପାଦକ ସତ୍ୟଶିବ ଦାସ, ସଞ୍ଜୀବ ଗିରି, ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ରୁନୁ ସିଂ ପ୍ରମୁଖ ସଭାରେ ଯୋଗଦେଇଥିଲେ। ପୂର୍ବତନ ପଞ୍ଚାୟତ ସଭାପତି ଅଭିରାମ ଦାସ ଓ ତାଙ୍କ ସମର୍ଥକ ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିବାରୁ ସେମାନଙ୍କୁ ସଭାରେ ସ୍ୱାଗତ କରାଯାଇଥିଲା।

### ପ୍ରାକ୍ତନ ଶ୍ରମିକ ସଂଘ ସମ୍ପାଦକଙ୍କ ମୃତ୍ୟୁ

ରୂପ୍‌ସା,୨୨।୧୧(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଝୋଟକଳ ଶ୍ରମିକ ସଂଘର ପ୍ରାକ୍ତନ ସମ୍ପାଦକ ଗୌରହରି ବାରିକଙ୍କର ମଙ୍ଗଳବାର ରାତିରେ ଆକସ୍ମିକ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। ସେ ରାତିରେ ଶୋଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସେ ଭାଜପାର ଜଣେ ବରିଷ୍ଠ କର୍ମକର୍ତ୍ତା ଥିଲେ। ତାଙ୍କ ଘର କସିପଦା ପଞ୍ଚାୟତ ଆଗରଗୁହାରା ଗ୍ରାମରେ। ଭାଜପା ଜିଲାସଭାପତି ମଦନ ମୋହନ ଦତ୍ତ, ମଣ୍ଡଳ ସଭାପତି ତପନ ଗିରି, ଯୁବମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବୁଧବାର ତାଙ୍କ ଶେଷ ଦର୍ଶନ କରିଥିଲେ।

# ଦେଢ଼ମାସ ଶିଶୁର ସନ୍ଦେହଜନକ ମୃତ୍ୟୁ

ଭୋଗରାଇ, ୨୨।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବଡ଼ନାଫରାଇ ଗ୍ରାମର ଏକ ଦେଢ଼ମାସର ଶିଶୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପୋଲିଓ ବୁନ୍ଦା ଖାଇବା ପରେ ଶିଶୁଟିର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଅଭିଯୋଗ କରୁଥିବା ବେଳେ ଡାକ୍ତର ଏହାକୁ ଖଣ୍ଡନ କରିଛନ୍ତି।

ଘରୋଇ କଳହ ଯୋଗୁ କାହ୍ନୁଚରଣ ଦାସ ଅଧିକାରୀଙ୍କ ସ୍ତ୍ରୀ ସୁଜାତା ବୁଧବାର ସକାଳେ ଶିଶୁପୁତ୍ର ଶୁଭମଙ୍କୁ ଧରି ଅଙ୍ଗନୱାଡି କେନ୍ଦ୍ରରେ ପୋଲିଓ ବୁନ୍ଦା ଖୁଆଇ ବାପାଘରକୁ ଚାଲି ଯାଇଥିଲେ । ସେଠାରେ ଶିଶୁପୁତ୍ର ମା'ଠାରୁ ସ୍ତନ୍ୟପାନ କରିବା ପରେ ସନ୍ଧ୍ୟାରେ ନିସ୍ତେଜ ହୋଇପଡିଥିଲା । ତାକୁ ତୁରନ୍ତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ପୋଲିଓ ବୁନ୍ଦା ଖାଇବା ପରେ ଶିଶୁପୁତ୍ରର ଏପରି ଅବସ୍ଥା ହୋଇଥିବା ଗ୍ରାମବାସୀ ଓ ପରିବାର ଲୋକେ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା କହିଛନ୍ତି ଯେ, ଶିଶୁପୁତ୍ରର ମା' ସକାଳୁ ଅନାହାରରେ ଥିବା ବେଳେ ଶିଶୁକୁ ସ୍ତନ୍ୟପାନ କରାଇବା ଏବଂ ପୋଲିଓ ନେବା ପୂର୍ବରୁ ଶିଶୁକୁ ଜ୍ୱର ହୋଇଥିବା କାରଣରୁ ମୃତ୍ୟୁ ହୋଇଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଶିଶୁପୁତ୍ରର ମୃତ୍ୟୁକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଏ ନେଇ ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୦/୧୮) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଭାଇ ମାଡ଼ରେ ଭଉଣୀ ଗୁରୁତର

ସୋର, ୨୨।୧୧(ଡି.ଏନ.ଏ.)

ଘରୋଇ କଳିରୁ ସୋର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର କୈଳାସ ବେହେରା ତାଙ୍କ ଭଉଣୀ ସୁମିତ୍ରାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ସୁମିତ୍ରା ଗତ କିଛି ବର୍ଷ ଧରି ଶଶୁର ଘର ଛାଡି ବାପ ଘରେ ରହୁଥିଲେ। ଗୁରୁବାର ସନ୍ଧ୍ୟାରେ କୈଳାସଙ୍କ ସହ ସୁମିତ୍ରାଙ୍କ ଝଗଡା ହେବାରୁ ସେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ନିସ୍ଥୁକ୍ ମାଡମାରି ରକ୍ତାକ୍ତ କରିଥିଲେ। ସ୍ଥାନୀୟ ଲୋକେ ସୁମିତ୍ରାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନି।

# ଟ୍ରାକ୍ଟର ଚକା ଫାଟି ୨ ଭାଇ ଗୁରୁତର

ସୋର, ୨୨।୧୧(ଡି.ଏନ.ଏ.): ସୋର ଉତ୍ତରେଶ୍ୱରଠାରେ ଥିବା ଏକ ଗ୍ୟାରେଜ୍‌ରେ ଟ୍ରାକ୍ଟର ଚକା ଖୋଲାଯାଉଥିବା ବେଳେ ଚକ ଫାଟିଯିବାରୁ ସେଠାରେ ଛିଡା ହୋଇଥିବା ୨ ଭାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଔପଦା ଥାନା ଦନ୍ତୁର ଗ୍ରାମର ଦୁଇ ଭାଇ ନିରାକାର ନାୟକ (୩୨) ଓ ଲକ୍ଷ୍ମୀଧର ନାୟକ (୩୦) ନିଜ ଟ୍ରାକ୍ଟରକୁ ସୋରରେ ଏକ ଗ୍ୟାରେଜ୍‌ରେ ମରାମତି କରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି।

# ସଡକ ସୁରକ୍ଷା ଆଇନ କଡ଼ାକଡ଼ି ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ,୨୨।୧୧

ବାଲେଶ୍ୱର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟଠାରେ ଜିଲା ସଡ଼କ ସୁରକ୍ଷା ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଡ଼କ ସୁରକ୍ଷା ଆଇନକୁ କଡ଼ାକଡ଼ି ଲାଗୁ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଦୁର୍ଘଟଣା ରୋକିବା ଲାଗି ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲାପାଳ ତାଗିଦ୍ କରିଥିଲେ। ୨୦୧୮ ଜାନୁୟାରୀରୁ ୨୦୧୮ ଅକ୍ଟୋବର ମଧ୍ୟରେ ଜିଲାରେ ଘଟିଥିବା ୧୯୦ ଦୁର୍ଘଟଣାରେ ୨୦୩ ଜଣ ପ୍ରାଣ ହରାଇଛନ୍ତି। ଏଥିରେ ଜିଲାପାଳ ଉଦ୍‌ବେଗ ପ୍ରକାଶ କରି ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି। ସଡ଼କ ଦୁର୍ଘଟଣାର ଉଦ୍ଧାର କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ, ଆବଶ୍ୟକ ଯନ୍ତ୍ରପାତି ଉପଲବ୍ଧ କରାଯିବା ସହ ଜରୁରୀକାଳୀନ ଡାକ୍ତର ଯୋଗାଇଦେବା ଉପରେ ଆଲୋଚନା ହୋଇଥିଲା। ଜାତୀୟ ରାଜପଥରେ ଦୁର୍ଘଟଣା ପୀଡ଼ିତଙ୍କୁ ହସ୍ପିଟାଲକୁ ଆଣିଥିବା ବ୍ୟକ୍ତିଙ୍କୁ ପରିବହନ ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ପାଇଁ ସଚେତନତା ଉପରେ ଜୋର୍ ଦିଆଯାଇଥିଲା। ଚଳିତବର୍ଷ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ବିନା ହେଲମେଟ୍ ଏବଂ ସିଟ୍ ବେଲ୍ଟରେ ଗାଡ଼ି ଚଳାଉଥିବା ୧୦ହଜାର ୧୯୯ଜଣ ଚାଳକଙ୍କ ଠାରୁ ୧୨ଲକ୍ଷ ୧୩ହଜାର ୬ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ଏବଂ ନିଶାସେବନ କରି ଗାଡ଼ି ଚଳାଇବା କ୍ଷେତ୍ରରେ ୧୫୧୫ ମାମଲା ରୁଜୁ କରାଯାଇ ୯୩୪ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ସହ ୧୦ଲକ୍ଷ ୩୩ ହଜାର ୮୫୦ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦେଇଛନ୍ତି। ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଟ୍ରାନ୍ସପୋର୍ଟ ବିଭାଗର ଡେପୁଟି କମିଶନର ମନୋରଞ୍ଜନ ଲୋଧା, ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀଙ୍କ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଜିଲା ସଡ଼କ ସୁରକ୍ଷା ସମିତିର ସଦସ୍ୟ ତଥା ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ରହି ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।


ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

# ମାଙ୍କଡ଼ କାମୁଡ଼ାରେ ୯ ଆହତ

ସୋର, ୨୨।୧୧(ଡି.ଏନ.ଏ.)

ସୋର ଥାନା ବାଳଙ୍ଗ ପଞ୍ଚାୟତର ଜହ୍ନିଆ ଗ୍ରାମରେ ମାଙ୍କଡ଼ଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିଦିନ ହେଲା ମାଙ୍କଡ଼ପଲ ଗାଁରେ ପଶି ଘର ଛପର ଓ ପରିବା ଚାଷ ନଷ୍ଟ କରି ପକାଉଛନ୍ତି। ଗତ ଦୁଇ ଦିନ ହେଲା ମାଙ୍କଡ଼ କାମୁଡ଼ାରେ ୯ଜଣ ଆହତ ହୋଇ ସୋର ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ ପଦ୍ମାବତୀ ଦାସ, ଛାୟା ମହାକୁଡ଼, ମୀନତି ରାଣି ଦ୍ୱିବେଦୀ, ବୁଦ୍ଧିରାମ ଜେନା, ସୁଚିତ୍ରା ନାୟକ, ରେବତୀ ନାୟକ। ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ତାଳପଦା ଫରେଷ୍ଟରଙ୍କଠାରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ମାଙ୍କଡ଼ ଧରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ବିଭାଗ ତରଫରୁ ଫରେଷ୍ଟର ଶ୍ରାବନ୍ତି ମାରଣ୍ଡି ଗ୍ରାମରେ ପହଞ୍ଚି ବାଣ ଫୁଟାଇ ମାଙ୍କଡ଼ଗୁଡିକ ଘଡ଼ାଉଥିବା ଦେଖାଯାଇଛି। ଧାନକଟା କାମ ଚାଲିଥିବାରୁ ମାଙ୍କିଡ଼ିଆମାନେ ନାହାନ୍ତି, ତେଣୁ ମାଙ୍କଡ଼ମାନଙ୍କୁ ଘଡ଼ାଇବାରେ ସହଯୋଗ କରିବାକୁ ଗ୍ରାମବାସୀଙ୍କୁ ବିଭାଗ ତରଫରୁ କୁହାଯାଇଛି।


ମାଙ୍କଡ଼ କାମୁଡ଼ାରେ ଆହତ ଦୁଇ ମହିଳା।

# ଭିଏଲ୍‌ଡବ୍ଲ୍ୟୁଙ୍କ ଅସ୍ୱାଭାବିକ ମୃତ୍ୟୁ

ଜଳେଶ୍ୱର,୨୨।୧୧ (ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ କାଳିକ ପଞ୍ଚାୟତରେ କାର୍ଯ୍ୟରତ ଭିଏଲଡବ୍ଲ୍ୟୁ ଦେବେନ୍ଦ୍ର ହାଁସଦା (୫୫)ଙ୍କର ମୃତ୍ୟୁ ଘଟିଛି। ହଠାତ୍ ସେ ଅସୁସ୍ଥ ହୋଇପଡ଼ିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ଡାକ୍ତରଖାନାକୁ ନେଇ ଆସିଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ବୋଲି ଘୋଷଣା କରିଥିଲେ। ଖବରପାଇ ଜଳେଶ୍ୱର ବିଡିଓ ନିତ୍ୟାନନ୍ଦ ସାହୁ, ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ପୂର୍ବତନ ସରପଞ୍ଚ ମଧୁସୂଦନ ଦତ୍ତ ଓ ସମିତିସଭ୍ୟ ସଞ୍ଜୟ ମହାନ୍ତି ପ୍ରମୁଖ ପହଞ୍ଚି ସମବେଦନା ଜଣାଇଛନ୍ତି। ଜଳେଶ୍ୱର ପୋଲିସ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୧/୨୦୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


ବିଜ୍ଞାନମେଳାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

# 'ବିଜ୍ଞାନ ବଳରେ ଅସାଧ୍ୟ ସାଧନ ସମ୍ଭବ'

ଜଳେଶ୍ୱର,୨୨।୧୧ (ଡି.ଏନ୍.ଏ.)

ମାନବ ସମାଜର କଲ୍ୟାଣରେ ବିଜ୍ଞାନର ବିନିଯୋଗ ଆବଶ୍ୟକ। ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରତି ରୁଚି ରଖି ଅଧ୍ୟୟନ ଓ ଗବେଷଣା କାର୍ଯ୍ୟ କଲେ ଅନେକ ସମସ୍ୟାର ସମାଧାନ କରିପାରିବେ। ବିଜ୍ଞାନ ଦ୍ୱାରା ଅସାଧ୍ୟ ସାଧନ ସମ୍ଭବ ବୋଲି ଜଳେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ 'ଜୀବନର ସମସ୍ୟା ସମାଧାନରେ ବିଜ୍ଞାନର ଅବଦାନ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲିଟି ଅଧୀନ ୬୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ୨୬୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୧୫ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ବିଜ୍ଞାନ ମେଳା ଲାଗି ବଛାଯାଇଥିଲା। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଡ. ଧରଣୀଧର ଘୋଷ, ବିଇଓ ବିଜୟ କୁମାର ନାଥ,ଏବିଇଓ ସୁଶାନ୍ତ ଜେନା, ବନବିହାରୀ ଦାସଅଧିକାରୀ,ଡ. ଈଶ୍ୱରଚନ୍ଦ୍ର ଜେନା, ମୁରଲୀମୋହନ ପ୍ରଧାନ, ପ୍ରଧାନଶିକ୍ଷକ ଗଜେନ୍ଦ୍ର ନାଥ ନାୟକ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସୁନୀଲ କୁମାର ନାୟକ, ହରେକୃଷ୍ଣ ଜେନା, ଶଶିକାନ୍ତ ପ୍ରଧାନ, ସୁଶାନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରକୁ ୮ ପ୍ରକଳ୍ପ ମନୋନୀତ

ବସ୍ତା,୨୨।୧୧(ସ୍ୱ.ପ୍ର.)

ବସ୍ତା ବ୍ଲକ ଗିଲାଯୋଡ଼ି ସ୍ଥିତ ଯୁଧିଷ୍ଠିର ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୪ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସିନିୟର ବିଭାଗରେ ମଳୟକୃଷ୍ଣ ପ୍ରଧାନ ୧ମ, ବରୁଣ କୁମାର ସାହୁ ୨ୟ, ଇତିଶ୍ରୀ କମିଳା ୩ୟ, ରଚିତା ପାଡ଼ୀ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବିଭାଗରେ ଦୀପିକା ପାତ୍ର, ବିପ୍ଳବକୁମାର ଘୋଷଙ୍କ ପ୍ରକଳ୍ପ ଯଥାକ୍ରମେ ୧ମ ଓ ୨ୟ ସ୍ଥାନ ହାସଲ କରିଥିଲା। ସେହିପରି ସବ୍‌ଜୁନିୟର ବିଭାଗରେ ମଳୟ ରଞ୍ଜନ ମହାନ୍ତି, ଶୁଭଲକ୍ଷ୍ମୀ ସେଠୀ ୧ମ ଓ ୨ୟ ସ୍ଥାନ ଅଧିକାର କରିଥିଲେ। ଏହି କୃତୀ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଆଗାମୀ ଜିଲାସ୍ତରୀୟ ବିଜ୍ଞାନମେଳାରେ ଭାଗ ନେବ। ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି ଉକ୍ତ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି, ସମିତିସଭ୍ୟ ଶରତକୁମାର ଜେନା, ଏବିଇଓ ଧନଞ୍ଜୟ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି ଅଧ୍ୟକ୍ଷତା କରିଥିଲେ। ଉଦ୍‌ଯାପନୀ ଦିବସରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ମୁଖ୍ୟଅତିଥି, ଚାନ୍ଦିପୁର ଆଇଟିଆର୍‌ର ବରିଷ୍ଠ ବୈଜ୍ଞାନିକ ପ୍ରତାପ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ସରପଞ୍ଚ ପଙ୍କଜିନୀ ପାଳ, ବିଷ୍ଣୁପ୍ରିୟା ବୁଗୁଡ଼ି, ସମିତିସଭ୍ୟା ତୁଳସୀ ଦତ୍ତ, ଏସ୍‌ଏମ୍‌ସି ସଭାପତି ଲକ୍ଷ୍ମୀଧର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଡିସେମ୍ବର ୨ରେ 'ସ୍ମୃତିରେ ଆମ ଅକ୍ଷୟ'

ବାଲେଶ୍ୱର ଅଫିସ, ୨୨।୧୧

୧୭ତମ 'ସ୍ମୃତିରେ ଆମ ଅକ୍ଷୟ' ଦୁଇଦିନ ବ୍ୟାପୀ ଡିସେମ୍ବର ୨ ଏବଂ ୧୫ ତାରିଖ ଗାନ୍ଧିସ୍ମୃତି ଭବନଠାରେ ପାଳିତ ହେବ। ଆସନ୍ତା ଡିସେମ୍ବର ୨ ତାରିଖରେ ଦିବସବ୍ୟାପୀ ସ୍କୁଲ, କଲେଜସ୍ତରୀୟ ପ୍ରାରମ୍ଭିକ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହେବ। ଆସନ୍ତା ଡିସେମ୍ବର ୧୫ ତାରିଖରେ ମେଗା ଫାଇନାଲ ଏବଂ ଅକ୍ଷୟ ଆଇଡ଼ଲ ସଙ୍ଗୀତ ପ୍ରତିଯୋଗିତା ହେବା ସହ ସନ୍ଧ୍ୟା ୬ଟାରେ ଗାନ୍ଧୀ ସ୍ମୃତିଭବନ ପରିସର ମୁକ୍ତମଞ୍ଚରେ ୧୭ତମ ଅକ୍ଷୟୋତ୍ସବ ପାଳନ କରାଯିବ। ଏନେଇ 'ସ୍ମୃତିରେ ଆମ ଅକ୍ଷୟ' କମିଟିର ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ମୁଖ୍ୟ ପୃଷ୍ଠପୋଷକ କବି ପ୍ରଶାନ୍ତ ଦାସ, ଆତ୍ମାରାମ ମହାପାତ୍ର, ଉପଦେଷ୍ଟା ସତ୍ୟଶିବ ଦାସ, ମୂରଲୀଧର ନାୟକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ମହାନ୍ତି, ନୀଳମଣି ମଣ୍ଡଳ, ଶଶିରଞ୍ଜନ ମଲ୍ଲିକ ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ଭାଗବତ କଥାମୃତ ଉତ୍ସବ ଉଦ୍‌ଯାପିତ

ରୂପ୍‌ସା,୨୨।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ନୀଳବାଡ଼ି ସତ୍‌ସଙ୍ଗ କମିଟି ଆନୁକୂଲ୍ୟରେ ଆୟୋଜିତ ୯ମ ବାର୍ଷିକ ଭାଗବତ କଥାମୃତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପୀ ଏହି ଉତ୍ସବରେ ପ୍ରବଚକ ବ୍ରହ୍ମ ସାକ୍ଷାତକାର ନନ୍ଦ ସରସ୍ୱତୀ, ରାଧାକୃଷ୍ଣ ମହାରାଜ, ନୟନାନନ୍ଦ ସରସ୍ୱତୀ, ରାଇଚରଣ ମହାରାଜ ପ୍ରମୁଖ ପ୍ରବଚନ ମାଧ୍ୟମରେ ଶ୍ରୀମଦ ଭାଗବତ ଓ ଅନ୍ୟ ଧର୍ମଗ୍ରନ୍ଥ ଭିତ୍ତିକ ଭଗବାନ ଶ୍ରୀକୃଷ୍ଣଙ୍କର ଦିବ୍ୟବାଣୀ ଶୁଣାଇଥିଲେ। ଏହି ଅବସରରେ ଶୀତଳା ମଣ୍ଡପ ଠାରେ ପ୍ରବଚନ ସଭା ସାଙ୍ଗକୁ ଭଜନ, କୀର୍ତ୍ତନ ଓ ସନ୍ଧ୍ୟା ଆଳତୀ ହୋଇଥିଲା। ସତ୍‌ସଙ୍ଗ କମିଟି ପକ୍ଷରୁ ହରିଶଙ୍କର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ମହେନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ପଞ୍ଚାନନ ଦାସ, ସପନ ଦାସ, ସନାତନ ଦାସ ପରିଚାଳନାରେ ସହଯୋଗ କରିଥିଲେ।

## ଚଣ୍ଡିପୁର–ଗୋବର୍ଦ୍ଧନପୁର ରାସ୍ତା

# ନିର୍ମାଣ ହେବାର ୫ ବର୍ଷ ବି ଗଲାନି

ସଜନାଗଡ଼, ୨୨।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ବ୍ଲକ ଅଧୀନ କୁଅଁରପୁର ଗ୍ରାମ ଲକରାଜ ପଞ୍ଚାୟତରେ ୫ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଚଣ୍ଡିପୁରଠାରୁ ଗୋବର୍ଦ୍ଧନପୁର ୩.୩୦ କି.ମି. ରାସ୍ତା ନିର୍ମାଣ ହୋଇଥିଲା । ହେଲେ ରାସ୍ତା ନିର୍ମାଣ ହେବାର ୫ ବର୍ଷ ବି ଗଲାନି, ପିଚୁ ଉଠି ଖଣ୍ଡିଆ ଖାବରା ହୋଇପଡିଛି। ରାସ୍ତାର ଶୋଚନୀୟ ଅବସ୍ଥା ନେଇ ଗ୍ରାମବାସୀ ନୀଳଗିରି ବିଧାୟକ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚଙ୍କଠାରେ ଅଭିଯୋଗ କରିଛନ୍ତି।

୫ ବର୍ଷ ଭିତରେ ରାସ୍ତା ମରାମତି କରାଯିବାର ନିୟମ ରହିଛି। ଏହି ସମୟ ମଧ୍ୟରେ ରାସ୍ତାର ଅବସ୍ଥା ଧୀରେ ଧୀରେ ଖରାପ ହେଉଥିବା ବେଳେ ଲଘୁଚାପଜନିତ ଲଗାଣବର୍ଷା ରାସ୍ତାର ଗୋଟିଏ ପାର୍ଶ୍ୱକୁ ଧୋଇନେଇଛି। ଅନ୍ଧାର ରାତିରେ ଯାନବାହନ ଚାଳକମାନେ କେତେବେଳେ ଯେ ବିପଦମୁଖରେ ପଡିବେ ସେନେଇ ଆଶଙ୍କା ଦେଖା ଦେଇଛି। ଏଭଳି ପରିସ୍ଥିତିରେ ମରାମତି କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଛି। ଏ ସମ୍ପର୍କରେ ଏସ୍‌ଡିଓ ଗୋକୁଳାନନ୍ଦ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ରାସ୍ତା ମରାମତି ନେଇ ଠିକାଦାରଙ୍କ ସହ ଆଲୋଚନା ହୋଇଛି। ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କରାଯିବା ଲାଗି ଉଦ୍ୟମ କରାଯାଉଛି।


ରାସ୍ତାପାର୍ଶ୍ୱ ଧୋଇଯାଇଛି।

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୨୩ ନଭେମ୍ବର, ୨୦୧୮



## ଆଜି କ'ଣ କେଉଁଠି

**ବାସୁଦେବପୁର**

୨୩।୧୧।୧୮

- ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ନରେନ୍ଦ୍ର ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଦେଇପୁର, ସମୟ: ଅପରାହ୍ନ ୩ ଟା।
- ଏକାଦଶ ବାର୍ଷିକ ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବ-୨୦୧୮, ସ୍ଥାନ: ଶାଶୁଭୁଆଶୁଣୀ, ଚୂଡାମଣୀ ଘାଟ, ସମୟ: ସକାଳ ୬ଟା।
- ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ରାସବିହାରୀ ସଂଯୁକ୍ତ ବିଦ୍ୟାମନ୍ଦିର, ଗୁଆଗଡିଆ, ସମୟ: ଅପରାହ୍ନ ୫ଟା।

## ସଂକ୍ଷେପରେ

### କୋଇଲା ବୋଝେଇ ପିକ୍‌ଅପ୍ ଜବତ: ଜଣେ ଗିରଫ

**ତିହିଡ଼ି, ୨୨।୧୧ (ଡି.ଏନ.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର ଫତେପୁର ଛକ ନିକଟରେ ଗୁରୁବାର କୋଇଲା ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ତିହିଡ଼ି ଥାନା ପୋଲିସ ଜବତ କରିଛି। ଏଥିସହ ପୋଲିସ ଚାଳକ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମର ରମେଶ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ତିହିଡ଼ି ଥାନାରେ ଏକ ମାମଲା (ନଂ. ୩୮୦/୧୮) ରୁଜୁ କରାଯାଇଛି। ପିକ୍‌ଅପ୍ ଭ୍ୟାନରୁ ୧୬ ବସ୍ତା କୋଇଲା ଜବତ ହୋଇଛି। ଛତ୍ରପଦାରୁ କୋଇଲା ଯାଜପୁରକୁ ଚୋରାରେ ଚାଲାଣ କରାଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ପହଞ୍ଚି ଏହାକୁ ଜବତ କରିଥିଲା।

### ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୨୨।୧୧ :** ଭଦ୍ରକ ସହରର ଧରିତ୍ରୀନଗର ବାସିନ୍ଦା ବାବୁ ରାଉତ(୨୫)ଙ୍କର ଟ୍ରେନରେ କଟି ମୃତ୍ୟୁ ଘଟିଛି। ବୁଧବାର ରାତିରେ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ବାଉତପୁର ଷ୍ଟେଶନ ନିକଟସ୍ଥ ରେଳଧାରଣାରୁ ଭଦ୍ରକ ରେଳବାଇ ପୋଲିସ ଉଦ୍ଧାର କରିଥିଲା। ସେ ଏକ ଯାତ୍ରୀବାହୀ ଟ୍ରେନ ଆଗରେ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ପୋଲିସ ଗୁରୁବାର ସକାଳେ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ରକ୍ତଦାନ ଶିବିର

**ଭଦ୍ରକ ଅଫିସ, ୨୨।୧୧ -** ଶ୍ରୀ ଶ୍ରୀ କୃପାଳୁଜୀ ମହାରାଜାଙ୍କ ମହାପ୍ରୟାଣ ତିଥି ଅବସରରେ ବ୍ରଜଗୋପୀକା ସେବା ମିଶନ ଭଦ୍ରକ ଶାଖା ତରଫରୁ ହରି ଗୁରୁଙ୍କର ମଙ୍ଗଳ ଆରତି ବେଶ ନିତ୍ୟପୂଜା ସହିତ ଭଜନ କୀର୍ତ୍ତନ ସମାରୋହ ପାଳନ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଦ୍ୱାରା ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡା. ବିମଳା ମିଶ୍ରଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଓ ଆଖପାଖ ଅଞ୍ଚଳରୁ ବହୁ ସାଧୁ ସନ୍ଥ ଯୋଗ ଦେଇଥିଲେ।

### ପ୍ରତିଭା ଅନ୍ୱେଷଣ

**ଧାମନଗର, ୨୨।୧୧ (ଡି.ଏନ.ଏ.):** ଧାମନଗର ବ୍ଲକ ଧୂଷୁରୀସ୍ଥିତ ହୃଦାନନ୍ଦ ମଲ୍ଲିକ ପାଠଗାର ପରିସରରେ ରାଜ୍ୟ ଯୁବ ଏବଂ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ 'ମୁଁ ହିରୋ ମୁଁ ଓଡ଼ିଶା' ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦ ରୁ ୩୦ ବର୍ଷ ମଧ୍ୟରେ ଯୁବତୀ ଓ ଯୁବକଙ୍କ ମଧ୍ୟରେ ସଂଗୀତ, ନୃତ୍ୟ ପ୍ରତିଯୋଗିତା କରାଯାଇ ପ୍ରତିଭା ଚୟନ ହୋଇଥିଲା। ସୁଶାନ୍ତ ନାୟକ ଅଧକ୍ଷତା କରିଥିଲେ। ଧାମନଗର ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା ମୁଖ୍ୟଅତିଥି, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ସାହୁ, ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢ଼ୀ, ଅଧାପକ ରବୀନ୍ଦ୍ର ବେହୁରିଆ, ଫଣିଭୁଷଣ ମଲ୍ଲିକ, ଶୁକଦେବ ସ୍ୱାଇଁ, ନୀଳମଣି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୁ ଯୁବବାହିନୀର ବ୍ଲକ ସଭାପତି ସୁଶାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧୂଷୁରୀ ଯୁବବାହିନୀ ସଭାପତି ରାମକୃଷ୍ଣ ଦେବକାନ୍ତ ଗୋସ୍ୱାମୀ ଏବଂ ବ୍ଲକ ସଂଯୋଜକ ସଂଗ୍ରାମ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ରାହା ଦେଇଛି ଖଜୁରି ପିଞ୍ଛ

**ବାସୁଦେବପୁର, ୨୨।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ବର୍ଦ୍ଧନା ପୋଖରୀଆଡ଼ିରେ ରହୁଥିବା ସୁଶାନ୍ତ ଦାଶ ଓ ତାଙ୍କ ସ୍ତ୍ରୀ ଟିପିରିଙ୍କୁ ହସ୍ତଶିଳ୍ପ ଆତ୍ମନିର୍ଭରଶୀଳ କରାଇବା ସହ ବଞ୍ଚିବାର ରାହା ଦେଇଛି। ଏହି ଦମ୍ପତି ଖଜୁରି ଗଛରୁ ପିଞ୍ଛ ସଂଗ୍ରହ କରି ଏହାକୁ କାଟି ଝାଡୁ ବା ଛାଞ୍ଚୁଣି ତିଆରି କରିଥାନ୍ତି। ଏହି ପ୍ରକ୍ରିୟା ୬ରୁ ୭ ଦିନ ଲାଗିଥାଏ ବୋଲି ସେମାନେ କହିଛନ୍ତି। ତେବେ ଏହି ହସ୍ତଶିଳ୍ପ ସେମାନଙ୍କୁ ରୋଜଗାରକ୍ଷମ କରାଇପାରିଛି। କୌଣସି କାମ ଛୋଟ ନୁହେଁ। କାମ କରିବାର ଇଚ୍ଛା ଓ ଆତ୍ମବିଶ୍ୱାସ ଆତ୍ମନିର୍ଭରଶୀଳ ହେବାକୁ ବାଟ ଦେଖାଏ ବୋଲି ଏହି ଦମ୍ପତି କହିଛନ୍ତି।

ସୁଶାନ୍ତ କହନ୍ତି, ପ୍ରଥମେ ଗାଁ ଗାଁ ବୁଲି ଖଜୁରି ଗଛ ଚିହ୍ନଟ କରି ସେହି ଗଛର ମାଲିକଙ୍କ ସହିତ ଆଲୋଚନା କରି ପିଞ୍ଛର ଦର ଧାର୍ଯ୍ୟ ହୋଇଥାଏ। ପରେ ପିଞ୍ଛକୁ ଦାଁକୁଡ଼ିରେ କାଟି ଘରକୁ ଆଣି ବଡ଼ ପିଞ୍ଛକୁ କାଟି ବାହାର କରାଯାଏ। ଏହାକୁ ଖରାରେ ଶୁଖାଇ ଦିଆଯାଏ। ଏହା ଶୁଖିଗଲା ପରେ ସେଥିରେ ଛାଞ୍ଚୁଣି ବନ୍ଧାଯାଏ। ବନ୍ଧାଯାଇଥିବା ଝାଡୁର ପ୍ରତି ପତ୍ରକୁ ଏକ ଡାମ୍ଫଣରେ ଚିରାଯାଇ ଏହାକୁ ବିକ୍ରି ଉପଯୋଗୀ କରାଯାଏ। ଗୋଟିଏ ଝାଡୁର ମୂଲ୍ୟ ୧୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଏହାକୁ ବିକ୍ରି କରି ସୁଶାନ୍ତ ଓ ଟିପିରି ପରିବାର ଚଳାଉଛନ୍ତି। ହାଟପାଳିରେ ଓ ଗାଁ ଗାଁ ବୁଲି ସେମାନେ ଝାଡୁ ବିକ୍ରି କରନ୍ତି। ସୁଶାନ୍ତ ଓ ଟିପିରିଙ୍କର ଗୋଟିଏ ପୁଅ ଓ ଦୁଇଝିଅ ଅଛନ୍ତି। ପୁଅ ବାପୁନୁ ୭ମ ଶ୍ରେଣୀ ପାଠ ପଢୁଥିବା ବେଳେ ଝିଅ ରୂପା ୫ମ ଓ ପୂର୍ଣ୍ଣିମା ୩ୟ ଶ୍ରେଣୀରେ ପଢୁଛନ୍ତି। ତେବେ ଅଳ୍ପ ରୋଜଗାରରେ ୩ ପିଲାଙ୍କୁ ପାଠ ପଢ଼ାଇବା ସୁଶାନ୍ତଙ୍କ ପକ୍ଷେ କଷ୍ଟକର ହେଉଥିବା ସତ୍ତ୍ୱେ ସେମାନେ ଏହି ଜୀବିକାକୁ ବଞ୍ଚାଇ ରଖିଛନ୍ତି। ଅନ୍ୟପକ୍ଷେ ଦିନକୁ ଦିନ ଖଜୁରି ଗଛ ଲୋପ ପାଇବାରେ ଲାଗିଛି। ଆବଶ୍ୟକ ମୁତାବକ ଖଜୁରି ପିଞ୍ଛ ମିଳୁ ନ ଥିବାରୁ ଅଧିକ ଝାଡୁ ତିଆରି କରାଯାଇପାରୁ ନାହିଁ ବୋଲି ସେ କହିଛନ୍ତି। ଏହି ଦମ୍ପତି ଭୂମିହୀନ ହୋଇଥିବାରୁ ଏକ ଅସ୍ଥାୟୀ ପଲିଥିନ ଘରେ ୫ ପ୍ରାଣୀ କୁଟୁମ୍ବ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ଏକ ସ୍ଥାୟୀ ଘର ଯୋଗାଇ ଦିଆଗଲେ ସେମାନେ ଉପକୃତ ହୋଇପାରନ୍ତେ ବୋଲି ସୁଶାନ୍ତ ଆଶାବ୍ୟକ୍ତ କରିଛନ୍ତି।



ଖଜୁରି ପିଞ୍ଛ ସଂଗ୍ରହ କରି ଫେରୁଥିବା ଅବସରରେ ସୁଶାନ୍ତ।

# ସାଇକେଲରେ ଶ୍ରୀକ୍ଷେତ୍ର ଯାତ୍ରା

**ଆରଡି, ୨୨।୧୧ (ଡି.ଏନ.ଏ.)**

ବର୍ଷେ କି ଦୁଇବର୍ଷ ନୁହେଁ ଦୀର୍ଘ ୩୧ ବର୍ଷ ଧରି ସାଇକେଲରେ ଶ୍ରୀକ୍ଷେତ୍ର ଯାତ୍ରା। ଉଦ୍ଦେଶ୍ୟ କେବଳ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା। ସାଇକେଲରେ ଶ୍ରୀକ୍ଷେତ୍ରକୁ ଯାତ୍ରା କରୁଥିବା ଏହି ବ୍ୟକ୍ତି ଜଣଙ୍କ ହେଲେ ଭାଗୀରଥି ଦାସ(୬୪)। ଘର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ଗାଁରେ। ପ୍ରତିବର୍ଷ ରାହାସ ପୂର୍ଣ୍ଣିମା ପୂର୍ବଦିନ ସେ ସାଇକେଲ ଧରି ଯାତ୍ରାରେ ବାହାରନ୍ତି। ୬୪ ବର୍ଷ ବୟସ ହୋଇଥିଲେ ବି ସେ ତାହାକୁ ଖାତିର ନ କରି ଯାତ୍ରା ଜାରି ରଖିଛନ୍ତି।

ଚଳିତବର୍ଷ ସେ ଗୁରୁବାର ଭୋର ୫ ଟାରୁ ଯାତ୍ରା ଆରମ୍ଭ କରିଛନ୍ତି। ଶୁକ୍ରବାର ଜଗନ୍ନାଥ ଦର୍ଶନ ସାରି କୋଣାର୍କ, ଚନ୍ଦ୍ରଭାଗା, ରାମଚଣ୍ଡୀ, ଧଉଳିଗିରି ଯିବା ସହ ବାଲିଯାତ୍ରାରୁ ଘରକୁ ବାହୁଡ଼ି ଆସିବେ। ଏହି ବର୍ଷ ଖଇଖିଆ ମଠର ସନ୍ତୋଷ କୁମାର ଦାସ, ସୂର୍ଯ୍ୟପୁରର ଅପୂର୍ବ ରଞ୍ଜନ ଗୋସ୍ୱାମୀ ଓ ସୁନ୍ଦରପୁରର ଶଶିକାନ୍ତ ସାହୁ ତାଙ୍କ ସହ ସାଇକେଲରେ ଶ୍ରୀକ୍ଷେତ୍ର ଯାତ୍ରା କରୁଥିବା ସେ କହିଛନ୍ତି। ପୁରୀ ଶ୍ରୀକ୍ଷେତ୍ରକୁ ଯିବା ଆସିବା ପ୍ରାୟ ୪୫୦ କି.ମି. ହୋଇଥିବାବେଳେ ଜଗନ୍ନାଥଙ୍କ କରୁଣାରୁ ତାହା ମାତ୍ର ୪ କି ୫ କି.ମି. ଭଳି ଲାଗେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ରାହାସ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ର ଯାତ୍ରା କରିବେ। ଏହି ଯାତ୍ରା ସମୟରେ ତାଙ୍କର ମୃତ୍ୟୁ ହୋଇଗଲେ ତାଙ୍କ ମଣିଷ ଜନ୍ମର ସାର୍ଥକତା ମିଳନ୍ତା ବୋଲି କହିଛନ୍ତି ଭାଗୀରଥି।



ଶ୍ରୀକ୍ଷେତ୍ର ଅଭିମୁଖେ ଭାଗୀରଥି।

# ଉଡାନ୍ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର



ଧାମରା ବନ୍ଦର ପରିସରରେ ଛାତ୍ରୀଛାତ୍ର।

**ଭଦ୍ରକ ଅଫିସ, ୨୨।୧୧**

ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଲାଗି ଆଦାନୀ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ଉଡାନ୍ କାର୍ଯ୍ୟକ୍ରମ ଧାମରା ଆଖପାଖ ବିଦ୍ୟାଳୟଗୁଡିକରେ ବେଶ୍ ଆଦୃତ ହୋଇପାରିଛି। ଗତ ୨୦ ଓ ୨୧ ତାରିଖରେ ଦୁଇଦିନିଆ ଏହି କାର୍ଯ୍ୟକ୍ରମରେ ଦୋସିଙ୍ଗା ହାଇସ୍କୁଲ ଓ ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଧାମରା ପୋର୍ଟ ପରିସରରେ ଥିବା ବିଭିନ୍ନ ବନ୍ଦର ଭିତ୍ତିକ ଯନ୍ତ୍ରପାତିର ପରିଚାଳନା, ଜାହାଜ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ସେମାନେ ପଚାରି ବୁଝିଥିଲେ। ବନ୍ଦର ତରଫରୁ ବିଭିନ୍ନ ବିଭାଗର ପଦାଧିକାରୀ ବନ୍ଦର ପରିଚାଳନା ନେଇ ଛାତ୍ରୀଛାତ୍ରଙ୍କୁ ବୁଲି ଦେଖାଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାର ବିଭିନ୍ନ ସ୍କୁଲ, କଲେଜର ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅନ୍ତର୍ଭୁକ୍ତ ହୋଇ ଉପକୃତ ହୋଇପାରିଥିବା ସୂଚନା ମିଳିଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୃହତ ଚିନ୍ତାଧାରା ସୃଷ୍ଟି କରି ଭବିଷ୍ୟତରେ ଏହାକୁ ପୂର୍ଣ୍ଣ କରିବାର ଉଦ୍ଦେଶ୍ୟ ନେଇ ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଦେଶର ୧୩ ଟି ରାଜ୍ୟରେ ସାମିଲ କରାଯାଇଛି।

## ସ୍ୱଚ୍ଛତା ପାଇଁ ୧୨ ସରପଞ୍ଚ ସମ୍ବର୍ଦ୍ଧିତ

**ବନ୍ତ, ୨୨।୧୧(ସ୍ୱ.ପ୍ର.)**

ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ସଫଳତା ପାଇଁ ବନ୍ତ ବ୍ଲକର ୧୨ ପଞ୍ଚାୟତର ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେଥିମଧ୍ୟରେ ବ୍ଲକର ଓଡ଼ଙ୍ଗ, କାଦବରାଙ୍ଗ, ରାମଚନ୍ଦ୍ରପୁର, ଆଡିଆ, ଗୋପୀନାଥପୁର, ତୋଡଗାଁ, ବଡବର୍ଚ୍ଚକୟା ଆଦି ପଞ୍ଚାୟତ ରହିଛି। ଓଡ଼ଙ୍ଗ ସରପଞ୍ଚ କିଶୋର କିଙ୍କର ପଢିଆରୀ ସମ୍ବର୍ଦ୍ଧିତ ହୋଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଏପିଡି ମନୋରମା ଭୂୟାଁ, ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକ ଜିଲାର ୪୦ ପଞ୍ଚାୟତ ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ୩୦ ପ୍ରତିଭା ପୁରସ୍କୃତ

**ଭଣ୍ଡାରିପୋଖରୀ, ୨୨।୧୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ପାଟୁଳୀଠାରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଣିତକାନ୍ତ ସାମଲ, ଗଗନ ବିହାରୀ ସେଠୀ, ଉତ୍କଳ କେଶରୀ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୩୦ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୁ ଯୁବ ବାହିନୀର ପଞ୍ଚାୟତ ସଭାପତି ସନ୍ତୋଷ ସାହୁ, ମନୋଜ ଜେନା, ସଞ୍ଜୟ ବେହେରା, ସରୋଜ ଦତ୍ତ, ସୁଦର୍ଶନ ବେହେରା, ରାଜକିଶୋର ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ

# ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ

**ଭଣ୍ଡାରିପୋଖରୀ, ୨୨।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ମାଳଦା ବଜାର ନିକଟରେ ଥିବା ଏକ ଷ୍ଟେଟବ୍ୟାଙ୍କ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଏ ସମ୍ପର୍କରେ ଏଟିଏମ୍ ଦାୟିତ୍ୱ ନେଇଥିବା ଭୁବନେଶ୍ୱରର ଟିଏସ୍‌ଆଇ କମ୍ପାନୀର ଡିଷ୍ଟ୍ରିକ୍ଟ ଏକ୍‌ଜିକ୍ୟୁଟିଭ ଅଭିନାଶ ତ୍ରିପାଠୀ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୧୯୭/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଲୁଟେରାମାନେ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ କରୁଥିଲେ। ରାସ୍ତାରେ ଟ୍ରାକ୍ଟର ନେଇ ଯାଉଥିବା ଜଣେ ବ୍ୟକ୍ତି ଏଟିଏମ୍‌ରୁ ଚୋରି ହେଉଥିବା ଜାଣିପାରି ସ୍ଥାନୀୟ ବଜାରକୁ ଯାଇ ଲୋକଙ୍କୁ କହିଥିଲେ। ଲୋକେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଜଣେ ଲୁଟେରା ଦୌଡ଼ି ପଳାଇଥିବା ବେଳେ ଅନ୍ୟ ଜଣେ ରାସ୍ତାପାର୍ଶ୍ୱରେ ଲୁଚି ଯାଇଥିଲେ। ଲୋକେ ଖୋଜାଖୋଜି କରିବାରୁ ଜଣେ ଲୁଟେରା ଧାନବିଲରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ଲୋକେ ତାଙ୍କୁ ଗୋଡ଼େଇ ଗୋଡ଼େଇ ବିଲରେ କାବୁ କରିନେଇଥିଲେ। ଲୁଟେରାମାନେ ନେଇ ଆସିଥିବା ଏକ ମାରୁତି ଭ୍ୟାନ୍ ଏହା ଦେଖି ଖସି ପଳାଇ ଯାଉଥିଲା। ଥାନାଧିକାରୀ ଅମିତ ବିଶ୍ୱାଳ ଓ କର୍ମଚାରୀମାନେ ଖବର ପାଇ ଘଟଣାସ୍ଥଳକୁ ଆସୁଥିବା ବେଳେ ବାଟରେ ଉକ୍ତ ଗାଡ଼ିକୁ ଜବତ କରିଥିଲେ। ଭ୍ୟାନ ଚାଳକଙ୍କ ସମେତ ୨ ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ଘଟଣାର ତଦନ୍ତ କରୁଛି। ତେବେ ଲୁଟେରାମାନେ ଏଟିଏମ୍‌ରୁ ଟଙ୍କା ନେଇପାରି ନାହାନ୍ତି।

# ଜଳିଗଲେ ୫୫ ଗୃହପାଳିତ ପ୍ରାଣୀ

**ଧାମନଗର, ୨୨।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ପଞ୍ଚାୟତ ଶାନ୍ତିନଗର ଗ୍ରାମର ହଳଧର ଦାସ ଏବଂ ଧରଣୀଧର ଦାସଙ୍କ ଗୁହାଳରେ ଅଗ୍ନିକାଣ୍ଡ ଘଟି ୫୫ ଗୃହପାଳିତ ପ୍ରାଣୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ୨ ଗାଈ, ୨ ବଳଦ, ୨ ବାଛୁରୀ, ୯ ଛେଳି, ୪୦ କୁକୁଡ଼ା ନିଆଁରେ ଜଳି ମରିଯାଇଥିବା ବେଳେ ଗୁରୁତର ଥିବା ୫ ଗାଈ ଚିକିତ୍ସାଧୀନ ଅଛନ୍ତି। ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଧାମନଗରରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ଧୂଷୁରୀ ଭିଏସ୍ ଡା. ନିରାକାର ଜେନା ନିଜ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତ ପ୍ରାଣୀଙ୍କୁ ଚିହ୍ନଟ କରିଥିଲେ। ଏଥିସହ ଗୁରୁତର ୫ ଗାଈଙ୍କର ଚିକିତ୍ସା କରିଥିଲେ। ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ସାହୁ, ସମିତିସଭ୍ୟ ଅଜୟ କୁମାର ସ୍ୱାଇଁ, ସାମାଜିକ କର୍ମୀ ଆଡଭୋକେଟ ସୁରଜ ସାହୁ ପ୍ରମୁଖ ବିପନ୍ନଙ୍କ ପାଖରେ ପହଞ୍ଚିଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

■ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରତ୍ୟାହାର ପ୍ରସଙ୍ଗ

# ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

**ଭଦ୍ରକ ଅଫିସ, ୨୨।୧୧**–ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାରେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ଜିଲା ପ୍ରଶାସନର ବିରୋଧ ପ୍ରତିବାଦରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ। କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତି ଏକ ପ୍ରେସ୍ ବିବୃତ୍ତିରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ଡ. ମହତାବ କେବଳ ଭଦ୍ରକ ଜିଲା ନୁହେଁ ସାରା ରାଜ୍ୟ ପାଇଁ ଗର୍ବ ଓ ଗୌରବ। ସେ ନବଉତ୍କଳର ନିର୍ମାତା। ତାଙ୍କ ସମ୍ମାନାର୍ଥେ ମହତାବ ସ୍ମାରକୀ ପରିଷଦ ୮ ଲକ୍ଷ ଟଙ୍କା ବ୍ୟୟରେ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ତିଆରି କରି ତାହାକୁ ସ୍ଥାପନ କରିବାକୁ ଯାଉଥିବା ବେଳେ ଜିଲା ପ୍ରଶାସନ ଏହାକୁ ବନ୍ଦ କରାଇବା ଦୁର୍ଭାଗ୍ୟଜନକ। ଜିଲା ପ୍ରଶାସନର ଏଭଳି କାର୍ଯ୍ୟକୁ ପୂର୍ବରୁ ଜିଲା କଂଗ୍ରେସ ଓ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ସମାଲୋଚନା କରିଛନ୍ତି। ଜିଲା ପ୍ରଶାସନ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

# ଟାଟା ମ୍ୟାଜିକ ଦୁର୍ଘଟଣାଗ୍ରସ୍ତ: ଚାଳକଙ୍କ ଦୁଇଗୋଡ଼ କଟିଲା

**ଭଣ୍ଡାରିପୋଖରୀ, ୨୨।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ମଜୁରିଗଡିଆ ଛକ ନିକଟରେ ଗୁରୁବାର ଏକ ଟାଟାମ୍ୟାଜିକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ି ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କର ଦୁଇଗୋଡ଼ କଟିଯାଇଥିବା ଜଣାପଡ଼ିଛି। ଟାଟାମ୍ୟାଜିକ ଭଣ୍ଡାରିପୋଖରୀ ଆଡୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା। ଚାଳକ କଟକ ଜିଲା ମାହାଙ୍ଗା ଥାନା ଅଧୀନ ବିଜ୍ଞାନ ଭୂଷଣ ମହାନ୍ତି(୩୦) ଗାଡ଼ି ତଳେ ଚାପି ହୋଇ ରହିଯାଇଥିଲେ। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ତାଙ୍କୁ ଗାଡ଼ି ତଳୁ ଉଦ୍ଧାର କରିଥିଲେ। ବିଜ୍ଞାନଙ୍କର ଦୁଇ ଗୋଡ଼ କଟିଯାଇ ଅଳ୍ପ ଲାଗିରହିଥିଲା। ଦମକଳ କର୍ମଚାରୀ ତାଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି।

# ରାସ୍ତା ଉନ୍ନତୀକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକ ବ୍ୟୋମକେଶ ରାୟ ଓ ଅନ୍ୟମାନେ।

**ଚାନ୍ଦବାଲି, ୨୨।୧୧(ଡି.ଏନ.ଏ. )**

ପ୍ରାୟ ୬ କୋଟି ଟଙ୍କା ବ୍ୟୟବରାଦରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୂର୍ତ୍ତ ବିଭାଗର ୫ଟି ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତିକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ ରାସ୍ତାଗୁଡ଼ିକ ହେଲା କାଳୀମନ୍ଦିରଠାରୁ କନ୍ଧା, କନ୍ଧାରୁ ଓରାସାହି ଭାୟା ପାଇକସାହି ଓ ବାଘନଟା, ଓରାସାହିଠାରୁ ବିଜୟନଗର, ବିଜୟନଗରଠାରୁ ହରିପୁର, ବିଜୟନଗରଠାରୁ ଗୋବିନ୍ଦପୁର। ଭଦ୍ରକ ଜିଲା ପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ନରେଶ ମାଝୀ, ଅଶୋକ ବଳ, ଶରତ ସାହୁ, ଅକ୍ଷୟ ନାୟକ, ଚିତ୍ତରଞ୍ଜନ ସୂତାର, ଅଜୟ ସୂତାର, ରଜତ କୁମାର ସାହୁ, ରାମଚନ୍ଦ୍ର ନାୟକ, ବିଷ୍ଣୁମୋହନ ପଲାଇ, ଭଗବାନ ମହାନ୍ତି, ଭାସ୍କର ଦାସ, ପ୍ରିନ୍ସ ରାକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଜେଡି କର୍ମୀଙ୍କ ଏକ ବାଇକ୍ ରାଲି ବିଜୟନଗର, ଓରାସାହି, କାଣ୍ଡଗରଡ଼ି ପଞ୍ଚାୟତର କେତେକ ଅଞ୍ଚଳ ପରିକ୍ରମା କରିଥିଲା।

# ଅନିୟମିତତା ପ୍ରତିବାଦରେ ଚାଷୀଙ୍କ ଅନଶନ

**ଧାମନଗର, ୨୨।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ବମକୁରା ସେବା ସମବାୟ ସମିତିରେ ସେବା ନେଇ ବିବାଦ ଲାଗି ରହିଛି। ଅନିୟମିତତା ପ୍ରତିବାଦରେ ସମବାୟ ସମିତି ଅଧୀନ ବମକୁରା, କାଶିମପୁର, ସାହାସପୁର ପଞ୍ଚାୟତର ଚାଷୀ ଗୁରୁବାରଠାରୁ ସମିତି କାର୍ଯ୍ୟାଳୟ ଆଗରେ ଅନଶନରେ ବସିଛନ୍ତି। ୨୦୧୪ରେ ଋଣ ଛାଡ଼ କରା ନ ଯିବା, ୨୦୧୫ ରୁ ୨୦୧୭ ପର୍ଯ୍ୟନ୍ତ ଚାଷୀଙ୍କୁ ଦିଆଯାଇଥିବା ଋଣର ହିସାବ ଦିଆ ନ ଯିବା, ୨୦୧୪ ରୁ ୨୦୧୬ ମଧ୍ୟରେ ଚାଷୀଙ୍କଠାରୁ ୫ ପ୍ରତିଶତ ସୁଧ ନିଆଯାଇଥିବା ବେଳେ ସେମାନଙ୍କ ଖାତାକୁ ଏଯାଏ ୩ ପ୍ରତିଶତ ସୁଧ ଫେରା ନ ଯିବା, ୨୦୧୭ ରେ ୫ ପ୍ରତିଶତ ସୁଧ ନିଆଯାଇଥିବା ବେଳେ ଏଯାଏ ୪ ପ୍ରତିଶତ ସୁଧ ଖାତାକୁ ଫେରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଉକ୍ତ ସମବାୟ ସମିତି ଅଧୀନରେ ୧୨ ଶହ ଚାଷୀଙ୍କୁ ସୁଧ ଟଙ୍କା ଫେରି ନ ଥିବାବେଳେ ୨୦୧୫ ଓ ୨୦୧୬ ରେ ଋଣ ଉଠାଣ ବେଳେ ସେଥିରୁ କାଟି ରଖାଯାଇଥିବା ୧ ହଜାର ଲେଖାଏ ଟଙ୍କା ଏପର୍ଯ୍ୟନ୍ତ ଖାତାକୁ ଫେରି ନାହିଁ। ୨୦୧୮ରେ ଋଣ ନେଇଥିବା ୧୨ ଶହ ଚାଷୀଙ୍କୁ ବୀମା ଅନ୍ତର୍ଭୁକ୍ତ କରା ଯାଇ ନାହିଁ। ବହୁ ଚାଷୀଙ୍କ କ୍ରେଡିଟ ଲିମିଟ ଥିଲେ ମଧ୍ୟ ସେମାନଙ୍କ ଋଣକୁ ରିନ୍ୟୁ କରା ନ ଯାଇ ୩୩୬ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଋଣକୁ ଖରିଫ ଋଣ କରାଯାଇଛି। ଜମିପଟ୍ଟା ଠିକ୍ ନ ଥାଇ ମଧ୍ୟ କେତେକ ଚାଷୀଙ୍କୁ ଋଣ ଦିଆଯାଇଛି। ପ୍ରାୟ ୧୨ ଲକ୍ଷ ଟଙ୍କାର ଘୋଟାଲା ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

ଉଲ୍ଲେଖନୀୟ ଯେ, ସମବାୟ ସମିତିର ଜଣେ ଅଧିକାରୀ ନିୟମିତ କାର୍ଯ୍ୟରେ ଯୋଗ ଦେଉ ନ ଥିବାବେଳେ ସମସ୍ତ କାର୍ଯ୍ୟ ଅଟକି ରହିଥିବା ନେଇ ଚାଷୀମାନେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ସମବାୟ ମନ୍ତ୍ରୀ, ଜିଲାପାଳ, ବିଧାୟକ, ଏଆର୍‌ସିଏସ୍‌ଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ୨୨ ତାରିଖରୁ ଅନଶନ ପାଇଁ ଚେତାବନୀ ଦିଆଯାଇଥିଲା। ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଚାଷୀମାନେ କାର୍ଯ୍ୟାଳୟରେ ତାଲା ପକାଇଦେବେ ବୋଲି ନୀଳମଣି ମିଶ୍ର, ଫଣିଭୁଷଣ ମିଶ୍ର, ସାନ୍ତନୁ ପଲାଇ, ସଦାଶିବ ସାମନ୍ତ, ଅଶୋକ ପଣ୍ଡା, ଭାନୁପ୍ରକାଶ ପଲାଇ, ପ୍ରମିଳା ପଣ୍ଡା, ଧନେଶ୍ୱର ରାଉଳ, ତିଳୋତ୍ତମା ମିଶ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।



ବମକୁରା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଅନଶନରେ ବସିଛନ୍ତି।

## କମ୍ୟୁନିଟି ସେଣ୍ଟର ନିର୍ମାଣ ନିଷ୍ପତ୍ତିକୁ ବିରୋଧ

**ତିହିଡ଼ି, ୨୨।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାରସର ପଞ୍ଚାୟତ ମୁରୁରିଗଡ଼ ମାଝୀସାହିରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସେମାନେ ଗୁରୁବାର ଏ ସମ୍ପର୍କରେ ବିଡିଓ, ତହସିଲଦାର, ଉପଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ସ୍ଥାନରେ କମ୍ୟୁନିଟି ସେଣ୍ଟର ନିର୍ମାଣ କରା ନ ଯିବାକୁ ସେମାନେ ଦାବି ଜଣାଇଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, କମ୍ୟୁନିଟି ସେଣ୍ଟର ନିର୍ମାଣ ହେବାକୁ ଥିବା ସ୍ଥାନରେ ସେମାନେ ଚଳପ୍ରଚଳ କରନ୍ତି। ସେହି ସ୍ଥାନ ଦେଇ ଗ୍ରାମକୁ ରାସ୍ତା ମଧ୍ୟ ଯାଇଛି। ଗୋରୁ ସେହି ପଡ଼ିଆରେ ଚରିଥାନ୍ତି। ସେଠାରେ କମ୍ୟୁନିଟି ସେଣ୍ଟର କରାଗଲେ ଲୋକଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହେବ ବୋଲି ଗୋବିନ୍ଦ ଚନ୍ଦ୍ର ରାଉତ, ଆଲୋକ ରଞ୍ଜନ ମହାପାତ୍ର, ଧନେଶ୍ୱର ରାଉତ, ପ୍ରସନ୍ନ କୁମାର ରାଉତ, ଦୀପକ ମହାପାତ୍ର ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ୯୬ କେନ୍ଦ୍ରରେ ହେବ ଧାନକିଣା

**ବାରିପଦା ଅଫିସ,୨୨।୧୧**

ଚଳିତ ବର୍ଷ ମୟୂରଭଞ୍ଜ ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟିର ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନିତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଚଳିତ ବର୍ଷ ଜିଲାରୁ ୭ଲକ୍ଷ ୫୦ହଜାର ମେଟ୍ରିକ ଟନ ଖରିଫ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିନିମନ୍ତେ ଜିଲା ସାରା ୯୬ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବା ସହ ଆସନ୍ତା ଡିସେମ୍ବର ୧୭ତାରିଖରୁ ଧାନ କ୍ରୟ ଆରମ୍ଭ କରାଯିବ । ଧାନ କ୍ରୟ କରାଯିବା ନିମନ୍ତେ ଅନଲାଇନରେ ନିଜର ପରିଚୟ ପତ୍ର ସହ ଚାଷ ଜମି ପରିମାଣ ସମ୍ପର୍କିତ ସବିଶେଷ ବିବରଣୀ ପ୍ରଦାନ କରାଯିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ମିଲରମାନେ ୨୪ଘଣ୍ଟା ମଧ୍ୟରେ ମଣ୍ଡିରୁ ଧାନ ଉଠାଇନେବା ପାଇଁ ବୈଠକରେ କୁହାଯାଇଛି। କିଣାଯାଇଥିବା ଧାନର ସହାୟକ ମୂଲ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାରେ ୪୮ଘଣ୍ଟା ମଧ୍ୟରେ ଜମା କରିଦିଆଯିବ ବୋଲି ମଧ୍ୟ ସ୍ଥିର ହୋଇଛି।

ଜିଲା କୃଷି ବିଭାଗ ଆକଳନ ଅନୁଯାୟୀ ଚଳିତ ବର୍ଷ ଜିଲାରେ ୮ଲକ୍ଷ ୬୦ହଜାର ମେଟ୍ରିକ ଟନ ଧାନ ଉତ୍ପାଦନ ହେବାର ଆଶା ରଖାଯାଇଥିବା କୃଷି ଉପ ନିର୍ଦ୍ଦେଶକ ବୈଠକରେ ଉଲ୍ଲେଖ କରିଥିଲେ। ଏଥିପାଇଁ ବର୍ତ୍ତମାନ ସୁଦ୍ଧା ୪୫,୯୩୯ ଚାଷୀ ଲ୍ୟାମ୍ପ ସମବାୟ ସମିତି ମାଧ୍ୟମରେ ନାମ ପଞ୍ଜୀକୃତ କରିସାରିଛନ୍ତି। ଅବଶିଷ୍ଟ ଚାଷୀଙ୍କୁ ତୁରନ୍ତ ନିଟସ୍ଥ ଲ୍ୟାମ୍ପ ସମବାୟ ସମିତି ମାଧ୍ୟମରେ ନାମ ପଞ୍ଜୀକୃତ କରିବା ପାଇଁ ମଧ୍ୟ କୁହାଯାଇଛି। ଚଳିତ ବର୍ଷ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭୫୦ଟଙ୍କା ଏବଂ ଏଫଏକ୍ୟୁ ଗ୍ରେଡ ଏ ମାନ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଲ୍ୟାମ୍ପସ୍‌କୁ ଧାନ ବିକ୍ରି ନିମନ୍ତେ ନେବା ବେଳେ ନିଜ ଭୋଟର ପରିଚୟପତ୍ର ସମେତ ବିଜୁ କୃଷକ କଲ୍ୟାଣ ଯୋଜନା,କିଶାନ କ୍ରେଡିଟ କାର୍ଡ ନେବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ସମସ୍ତ ଧାନ କେନ୍ଦ୍ରର ସୁପରିଚାଳନା କାର୍ଯ୍ୟକୁ ଜିଲା ତଥା ଉପଖଣ୍ଡସ୍ତରୀୟ ବରିଷ୍ଠ ପ୍ରଶାସନିକ ବିଭାଗୀୟ ଅଧିକାରୀ ,ଚାଷୀ ପ୍ରତିନିଧି ଅନୁଧ୍ୟାନ କରିବେ। ତେବେ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ପ୍ରଦତ୍ତ ଧାନର ମାନ ଓ ଗୁଣାବତ୍ତା ଉପରେ ନଜର ରଖାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା,ଉଦଳା ଉପଜିଲାପାଳ ଭଗବାନ ବେହେରା, ଜିଲା ସାଧାରଣ ଯୋଗାଣ ଅଧିକାରୀ କିଶୋର କୁମାର ପାତ୍ର, କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ ପ୍ରମୁଖଙ୍କ ସହ ସିଆରସିଏସ,ଆରଏମସି ସେକ୍ରେଟାରୀ, ସମ୍ପୃକ୍ତ ବିଭାଗର ପଦାଧିକାରୀ, ଜିଲାର ଏସିଏସଓ, ମିଲର୍ସ ଓ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ।

- ଜିଲାସ୍ତରୀୟ ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ କମିଟି ବୈଠକ
- ୭ଲକ୍ଷ ୫୦ହଜାର ମେଟ୍ରିକ ଟନ ସଂଗ୍ରହ ଲକ୍ଷ ଧାର୍ଯ୍ୟ
- ୨ ଦିନ ମଧ୍ୟରେ ଚାଷୀଙ୍କୁ ମିଳିବ ସହାୟକ ମୂଲ୍ୟ
- ୨୪ ଘଣ୍ଟାରେ ମଣ୍ଡିରୁ ଧାନ ଉଠାଇବେ ମିଲର

## ଆଜି କଣ କେଉଁଠି

**ମୟୂରଭଞ୍ଜ ଜିଲା**

**ବଡ଼ସାହି ବ୍ଲକ**

- ମାଣତ୍ରୀ ଶୈବପୀଠରେ ମହାଦେବଙ୍କ ସୁନାବେଶ। ସମୟ-ସନ୍ଧ୍ୟା ୬ଟା
- ମହାତ୍ମାଗାନ୍ଧୀ କପ୍ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ। ସ୍ଥାନ-ଚେଙ୍ଗୁଆ-ମଙ୍ଗଳପୁର ସମୟ-ପୂର୍ବାହ୍ନ ୧୧ଟା
- ଜିଲାସ୍ତରୀୟ ବୋଇତବନ୍ଦାଣ ମହୋତ୍ସବ। ସ୍ଥାନ-ମାଣତ୍ରୀ ଶୈବପୀଠ ପରିସର। ସମୟ-ଅପରାହ୍ନ ୫ଟା।

**ବହଳଦା**

- ମା' କିଚକେଶ୍ୱରୀଙ୍କ ଦୁର୍ଲଭ ସୁନାବେଶ। ସମୟ- ସକାଳ ୭ରୁ ଅପରାହ୍ନ ୩ଟା

## ସଂକ୍ଷେପରେ

### ଦେଶୀ ବନ୍ଧୁକ ଜବତ, ୩ ଗିରଫ



**ଖୁଣ୍ଟା/ଉଦଳା,୨୨।୧୧(ଡି.ଏନ.ଏ.):** ଉଦଳା ବନ ବିଭାଗ ପକ୍ଷରୁ ଗୁରୁବାର ଅପରାହ୍ନରେ ଡେଙ୍ଗାମ ଅଞ୍ଚଳରେ ଚଢ଼ାଉ କରାଯାଇ ଦୁଇ ଦେଶୀ ବନ୍ଧୁକ ସମେତ ଧନୁସର ,ଫାସ ଓ ବାରୁଦ ଜବତ ହୋଇଛି। ଏହି ଅଭିଯୋଗରେ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ଉଦଳା ରେଞ୍ଜ ଅଧିକାରୀ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ବନ କର୍ମଚାରୀ ଗୁରୁବାର ଅପରାହ୍ନରେ ଡେଙ୍ଗାମ ଗ୍ରାମର ଧର୍ମା ମାର୍ଣ୍ଡିଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଘରୁ ଗୋଟିଏ ଦେଶୀ ବନ୍ଧୁକ ,ଶୁଖିଲା ସମ୍ବର ମାଂସ ୭ କିଲୋ ଓ ଦୁଇଟି ସିଙ୍ଗ ଜବତ କରିଛନ୍ତି। ସେହିପରି ଚୁନଭାଟି - ପାଟଣାଶିପୁର ରାସ୍ତାରେ ଯାଉଥିବା ବେଳେ ବହଳଦା ଗ୍ରାମର ସୁନାରାମ ସିଂ ଓ ମଲ୍ଲାରପଦା ଗ୍ରାମର ବାଇଧର ସିଂଙ୍କୁ ଗିରଫ କରି ଗୋଟିଏ ଦେଶି ବନ୍ଧୁକ, ଏକ ବାଇକ୍ ଜବତ ହୋଇଛି।

### ହାତୀ ପ୍ରବେଶକୁ ରୋକା ନ ଗଲେ ଆନ୍ଦୋଳନ

**ବାରିପଦା ଅଫିସ,୨୨।୧୧:** ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ମୟୂରଭଞ୍ଜ ଜିଲାକୁ ବର୍ଷ ତମାମ ଶତାଧିକ ହାତୀ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ସେମାନଙ୍କୁ ରୋକିବା ଲାଗି ଓଡ଼ିଶା ସୀମାବର୍ତ୍ତୀ ଶୁଳିଆପଦା, ମୋରଡା ଓ ରାସଗୋବିନ୍ଦପୁର ବ୍ଲକର ସୀମାନ୍ତ ଅଞ୍ଚଳରେ ଖାଇ ଖୋଳିବା ନିମନ୍ତେ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିଥିବା ଜେଏମଏମ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଅଭିଯୋଗ କରିଛନ୍ତି। ତେବେ ଆଗାମୀ ୧ମାସ ମଧ୍ୟରେ ଜନବସତି ଅଞ୍ଚଳକୁ ହାତୀ ପ୍ରବେଶ ଭଳି ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ଜେଏମଏମ ୧୮ନଂ ଜାତୀୟ ରାଜପଥ ଅବରୋଧ କରିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଜଣାଇଛନ୍ତି।

### ଜମିବାଡ଼ିକୁ କେନ୍ଦ୍ରକରି ମାରପିଟ

**ବାରିପଦା ଅଫିସ,୨୨।୧୧:** ଶୁଳିଆପଦା ଥାନା ଟିଲକପାଳ ଗ୍ରାମରେ ଜମିବାଡି ଗଣ୍ଡଗୋଳକୁ କେନ୍ଦ୍ର କରି ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା (ନଂ ୪୯/୧୮) ରୁଜୁ କରିଛି। ଟିଲକପାଳ ଗ୍ରାମର ସମରାୟ ଚମେୟାରଙ୍କ ଏକ ଜମି ତେଲିଆ ଗ୍ରାମରେ ରହିଛି। ଏହି ଜମିରେ ଗୁରୁବାର ସମରାୟ ଏବଂ ସ୍ତ୍ରୀ ସୁମୀ ଥିଲେ। ଏହି ସମୟରେ ଧାନଶୋଳ ଗ୍ରାମର ୪ଜଣ ପହଞ୍ଚି ଉଭୟଙ୍କୁ ମାରପିଟ କରିଥିଲେ।

### ୩ ଡମ୍ଫରରୁ ଜରିମାନା ଆଦାୟ

**ବଡସାହି,୨୨।୧୧(ସ୍ୱ.ପ୍ର):** ବଡ଼ସାହି ଥାନା ଭୀମଦା ଫାଣ୍ଡି ଅଧୀନ ବାଲେଶ୍ୱରରୁ ଭୀମଦା ଯାଉଥିବା ୩ ପଥର ବୋଝେଇ ଡମ୍ଫରରୁ ଜରିମାନା ଆଦାୟ ହୋଇଛି। ବଡ଼ସାହି ତହସିଲଦାର ଓ ଆଞ୍ଚଳିକ ପରିବହନ ଅଧିକାରୀ ଚଢାଉ କରି ମୋଟ ୬୮ହଜାର ୬୮୦ଟଙ୍କା ଜରିମାନା ଆଦାୟ କରିଛନ୍ତି । ଗତ ୧୦ ତାରିଖରେ ୩ଟି ପଥର ବୋଝେଇ ଡମ୍ଫରକୁ ପୋଲିସ ଜବତ କରି କାଗଜପତ୍ର ଯାଞ୍ଚ କରିଥିଲା । ଆବଶ୍ୟକ କାଗଜପତ୍ର ନ ଥିବାରୁ ଗାଡିଗୁଡିକୁ ବଡ଼ସାହି ଥାନାକୁ ଆଣି ମୟୂରଭଞ୍ଜ ପରିବହନ ବିଭାଗକୁ ଯାଞ୍ଚ ପାଇଁ ପଠାଯାଇଥିଲା । ବୁଧବାର ବୈଦ୍ୟପୁର-ପ୍ରତାପପୁର ରାସ୍ତାର ଯମୁନା ଠାରେ ବେଆଇନ ମୋରମ ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ବଡ଼ସାହି ପୋଲିସ ଜବତ କରିଛି ।



ଚାମ୍ପିୟନ କେନ୍ଦୁଝର ଦଳର ଖେଳାଳି ଓ ଅତିଥିମାନେ।

# ଚାମ୍ପିୟନ ହେଲା ତ୍ରିବେଣୀ ସ୍ପୋଟିଂ କ୍ଲବ

**ଭଞ୍ଜକିଆ/ଯଶିପୁର, ୨୨।୧୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନସ୍ଥ ପଣସି ଭରଡ଼ାପୋଷି ଗ୍ରାମ କମିଟି ଆନୁକୂଲ୍ୟରେ ଆୟୋଜିତ ଆଞ୍ଚଳିକ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୪ଟି ଦଳ ଭାଗ ନେଇଥିଲେ। ଏଥିରେ ଫାଇନାଲ ଖେଳ ତ୍ରିବେଣୀ ସ୍ପୋଟିଂ କ୍ଲବ କେନ୍ଦୁଝର ଓ ଅନୁକୁଳପୁର କ୍ଲବ ଯଶିପୁର ମଧ୍ୟରେ ହୋଇଥିଲା। ଏଥିରେ ତ୍ରିବେଣୀ ସ୍ପୋଟିଂ କ୍ଲବ କେନ୍ଦୁଝର ୧–୦ ଗୋଲରେ ଚମ୍ପିୟାନ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁଡ଼ମି ସେନାର ଉପ ସଭାପତି ଦିବ୍ୟସିଂ ମହାନ୍ତ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ହରିହର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ଦେବେନ୍ଦ୍ର ନାଏକ, ନୋଦ ମହାନ୍ତ, ବସନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ନବଜାତ ଶିଶୁ ଯତ୍ନ ସପ୍ତାହ

**କପ୍ତିପଦା,୨୨।୧୧(ଡି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ଶରତ ଆଞ୍ଚଳିକ ଡାକ୍ତରଖାନା ପରିସରରେ ନବଜାତ ଶିଶୁ ଯତ୍ନ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ରାଲି ଡାକ୍ତରଖାନାରୁ ବାହାରି ବଜାର ପରିକ୍ରମା କରିଥିଲା । ଏଥିରେ ସ୍ୱାସ୍ଥ୍ୟ କର୍ମଚାରୀ, ଆଶା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହାପରେ ଡାକ୍ତରଖାନା ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବୈକୁଣ୍ଠନାଥ ଦାଉଁଡିଆ, ବ୍ଲକ୍ ପ୍ରୋଗ୍ରାମ ଅଫିସର ବିଶ୍ୱଜିତ୍ ସାହୁ ସୁପରଭାଇଜର ସନାତନ ମହାପାତ୍ର ପ୍ରମୁଖ ଯୋଗ ଦେଇ ଏହାପରେ ମା ଓ ଆଶାକର୍ମୀଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।



ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ପୁରସ୍କୃତ କରାଯାଉଛି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ବେତନଟୀ,୨୨।୧୧ (ଡ଼ି.ଏନ.ଏ)**

ବେତନଟୀ ଥାନା ଅଧୀନ ତାରାକୋଠୀ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ମୋରଡ଼ା ବ୍ଲକର ଦୁଇଜଣ ଏକ ବାଇକ୍‌ରେ ଦାନ୍ତିଆମୁହାଁରୁ ବେତନଟୀ ଆସୁଥିବାବେଳେ ସମ୍ମୁଖ ପଟୁ ଆସୁଥିବା ପିକ୍‌ଅପ୍ ଧକ୍କା ଦେଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଦୁଇଜଣ (ଓଡ଼ି୧୧ପି ୬୫୧୭) ନମ୍ବର ଥିବା ଏକ ବାଇକରେ ବାରିପଦା ଅଭିମୁଖେ ଯାଉଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ି ସହ ପିକଅପ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି।

### ୩ ମୋବାଇଲ ଚୋରି

**ବଡସାହି,୨୨।୧୧(ସ୍ୱ.ପ୍ର)**

ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ହାଟରେ ଗୁରୁବାର ୩ ଜଣଙ୍କ ସ୍ମାଟ ଫୋନ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ହାଟକୁ ଆସିଥିବା ଉତ୍ତରପାଳ ଆଶ୍ରମର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ପଣ୍ଡା, ବଦଲିଗାଁର କମଳାକାନ୍ତ ସିଂହ ଓ ବଇଞ୍ଚା ଗ୍ରାମର ମନରଞ୍ଜନ ବାରିକଙ୍କ ମୋବାଇଲ ଚୋରି ହୋଇଯାଇଥିବା ବେଳେ ସେମାନେ ଏହାର ଟେର ପାଇପାରି ନାହାନ୍ତି। କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ହାଟ ଭିଡ ଥିବା ସୁଯୋଗରେ ଚୋରମାନେ ଏହି କାଣ୍ଡ ଘଟାଇଥିବା ଆଲୋଚନା ହେଉଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



ଲିପିକା



ଅତିଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବାହାନଡା ଲ୍ୟାମ୍ପସ ପୁରସ୍କୃତ

**ଖୁଣ୍ଟା,୨୨।୧୧(ଡି.ଏନ.ଏ.)**

କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ ନିମନ୍ତେ ଖୁଣ୍ଟା ବ୍ଲକ ଅଧୀନ ବାହାନଡା ଲ୍ୟାମ୍ପସକୁ ସମବାୟ ସେବା ପୁରସ୍କାର ପ୍ରଦାନ କରାଯାଇଛି । ୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ଓଡିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନଠାରେ ଗତ ୨୦ତାରିଖରେ ଏକ ରାଜ୍ୟ ସ୍ତରୀୟ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ସାଂସଦ ପ୍ରସନ୍ନ ପାଟଶାଣି, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି ,ରାଜ୍ୟ ନିବନ୍ଧକ ସମିତି ସମୂହ ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। 'ସମବାୟ ଆପଣଙ୍କ ଦ୍ୱାରରେ'କାର୍ଯ୍ୟକ୍ରମରେ ବାହାନଡା ଲ୍ୟାମ୍ପସ ନୂତନ ଚାଷୀଙ୍କୁ କିଶାନ କ୍ରେଡିଟ କାର୍ଡ ପ୍ରଦାନ, ଜେଏଲଜି ଗ୍ରୁପକୁ ଋଣ ପ୍ରଦାନ, ୧୦ ଚାଷୀଙ୍କୁ ମାନପତ୍ର ପ୍ରଦାନ ଆଦି ସଫଳତାର ସହ ସମ୍ପାଦନ କରିଥିବାରୁ ଏହି ଉତ୍ସବରେ ପୁରସ୍କୃତ କରାଯାଇଛି । ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶିକା ମୁଧୁସ୍ମିତା ଦେ ରାଜ୍ୟ ନିବନ୍ଧକଙ୍କ ଠାରୁ ମାନପତ୍ର ସହିତ ୨୫ ହଜାର ଟଙ୍କାର ଏକ ଚେକ୍ ଗ୍ରହଣ କରିଥିଲେ।



ପୁରସ୍କାର ଗ୍ରହଣ କରୁଛନ୍ତି ବାହାନଡା ଲ୍ୟାମ୍ପସ ନିର୍ଦ୍ଦେଶିକା।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: କଟକ ଚାମ୍ପିୟନ

**ଖୁଣ୍ଟା ,୨୨।୧୧(ଡି.ଏନ.ଏ.)**

ଗୋପବନ୍ଧୁନଗର ବ୍ଲକ ଅଧୀନ ଖିରିପଦା ଗ୍ରାମରେ ବାଲୁକେଶ୍ୱର ଫୁଟବଲ ଆସୋସିଏସନ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଓ ଜିଲା ବାହାରୁ ମୋଟ ୮ ଗୋଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଏସ ଏସ ବିକ୍‌ଟକ ଏବଂ ଏଫ ସି ନଗର୍ମ ଦଳ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଖେଳଟି ଅମିମାଂସିତ ରହିଥିବା ବେଳେ ଟ୍ରାଇବ୍ରେକର ଜରିଆରେ କଟକ ଦଳ ବାଲେଶର ଦଳକୁ ୪--୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ କଟକ ଏସସିବି ମେଡିକାଲ କଲେଜର ଆସୋସିଏଟ ପ୍ରଫେସର ମନୋରଞ୍ଜନ ମଲିକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି , ସମ୍ମାନିତ ଅତିଥି ଭାବେ ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସରେନ , ଗୋପବନ୍ଧୁନଗର ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳୀମାନେ।

# ଉଜ୍ଜୀବିତ ରହିଛି ଡଙ୍ଗା ଭସାଣ ପରମ୍ପରା

**ବଡସାହି, ୨୨।୧୧(ସ୍ୱ.ପ୍ର.)**

କାର୍ତ୍ତିକ ପୂର୍ଣ୍ଣମା ଭୋରୁ ବୁଡ଼ ପକାଇ ଡଙ୍ଗା ଭସାଣ କରିବା ଓଡ଼ିଆ ସଂସ୍କୃତିର ଏକ ଅନନ୍ୟ ପରମ୍ପରା । ହଜାର ହଜାର ବର୍ଷ ପୂର୍ବେ କଳିଙ୍ଗ ନୌବାଣିଜ୍ୟ, ସମୁଦ୍ର ଯାତ୍ରାରେ ବାଣିଜ୍ୟ କାରବାର ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା। ଏ ପରମ୍ପରା ଆଜି ବି ଆଧୁନିକତାର ମହାସ୍ରୋତରେ ଉଜ୍ଜୀବିତ ରହିଛି । କାର୍ତ୍ତିକ ପୂର୍ଣ୍ଣମାରେ ବୁଢ଼ୀବୁଢ଼ାଙ୍କଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ଥାଏ କଦଳୀ ପଟୁଆ, ଶୋଲ କିମ୍ବା କାଉଁରିଆ କାଠିରେ ତିଆରି ଡଙ୍ଗା। ଡଙ୍ଗା ଉପରେ ପାନ-ଗୁଆ ଥୋଇ ଦୀପଟିଏ ଜାଳି ଭସାଇ ଦେଇ କୁହନ୍ତି, ଆ କା ମା ବୈ ପାନ ଗୁଆ ଖାଇ, ପାନ ଗୁଆତକ ତୋର ମାସକ ଧରମ ମୋର। ହଜାର ହଜାର ବର୍ଷର ଏ ପରମ୍ପରା ଆଜି ବି ଆଧୁନିକତାର ମହାସ୍ରୋତରେ ଉଜ୍ଜୀବିତ ହୋଇ ରହିଛି । ପରମ୍ପରାକୁ ପାଳନ କରିବା ପାଇଁ ବଡ଼ସାହି ବ୍ଲକର ଗାଁ ଗଣ୍ଡାରୁ ସହର ପର୍ଯ୍ୟନ୍ତ ସବୁ ସ୍ଥାନେ ବିକ୍ରି ହେଉଛି ଶୋଲରେ ତିଆରି ଡଙ୍ଗା । କେବଳ ଗୋଟିଏ ଦିନ ବେପାରରେ ବେଶ୍ ଦୁଇ ପଇସା ରୋଜଗାର ହୋଇଥାଏ। ଧଳା ଶୋଲ ଉପରେ ଭିନ୍ନଶୈଳୀରେ ନିର୍ମାଣ ସାଙ୍ଗକୁ ବିଭିନ୍ନ ରଙ୍ଗବେରଙ୍ଗରେ ଚିତ୍ର ଅଙ୍କାଯାଇ ସୁସଜ୍ଜିତ କରାଯାଇଥାଏ । ୧୦ ଟଙ୍କାରୁ ଆରମ୍ଭ କରି ଶହେ, ଦୁଇଶହ ତିନିଶହ ଟଙ୍କା ପର୍ଯ୍ୟନ୍ତ ଶୋଲର ଡଙ୍ଗା ବଡ଼ସାହି ବଜାରରେ ବିକ୍ରି ହେଉଛି । ଡଙ୍ଗା ତିଆରି କରି ବିକ୍ରି କରୁଥିବା ବଡସାହି ଗ୍ରାମର କାରିଗର ଗଣେଶ ଗୋଚ୍ଛାୟତ କହନ୍ତି, ୮/୧୦ ଦିନ ପୂର୍ବରୁ ଡଙ୍ଗା ତିଆରି କରାଯାଇଥାଏ । ଦିନକୁ ୨୦/୨୫ଟି ଡଙ୍ଗା ତିଆରି କରାଯାଇଥାଏ । ବଡ଼ ବଡ଼ ଡଙ୍ଗା ତିଆରି କରିବାକୁ ପୂରା ଦିନ ଲାଗିଯାଏ । ଏଣୁ ମଜୁରି ଓ ପରିଶ୍ରମକୁ ହିସାବ କରି ଡଙ୍ଗା ବିକ୍ରି କରାଯାଇଥାଏ। ସେହିପରି ଡଙ୍ଗା କାରିଗର ଶିବୁ ହାଲ୍ଦା କହନ୍ତି, କମ୍ ଖର୍ଚ୍ଚରେ ଶୋଲରେ ଡଙ୍ଗା ତିଆରି କରିଥାଉ । ବିଭିନ୍ନ ଡିଜାଇନ୍‌ରେ ଶୋଲକୁ କାଟି ଆକର୍ଷଣୀୟ ଡଙ୍ଗା ପ୍ରସ୍ତୁତ କଲେ ଗ୍ରାହକଙ୍କ ଭିଡ଼ ଜମିବା ସହ ଭଲ ବିକ୍ରି ହୋଇଥାଏ । ୨ଦିନ ପୂର୍ବରୁ ଲୋକମାନେ ଡଙ୍ଗା କିଣିଥାନ୍ତି । ଏଥିରୁ ଦି ପଇସା ରୋଜାଗାର ହୋଇଥାଏ । ଘରେ ଘରେ ଏହି ଡଙ୍ଗାକୁ ନେଇ ଓଡ଼ିଆମାନେ ନିଜର ପରମ୍ପରାକୁ ପାଳନ କରିଥାନ୍ତି। ତେବେ ତିନି ଦଶନ୍ଧି ପୂର୍ବରୁ କଦଳୀ ପଟୁଆ ଓ କାଉଁରିଆ କାଠିରେ ଡଙ୍ଗା ନିର୍ମାଣ କରାଯାଇ ଏହି ପର୍ବ ପାଳନ କରୁଥିଲେ। ଏବେ କିନ୍ତୁ ନଳିତା ଚାଷ ବୁଡିବାକୁ ବସିଥିବାରୁ କାଉଁରିଆ (କପା) କାଠି ଦେଖିବାକୁ ମିଳୁନି। ବିଧି ରକ୍ଷା ପାଇଁ କାଁ ଭାଁ ବଜାରରେ ଚଢ଼ାଦରରେ ବିକ୍ରି ହେଉଥିବା ଦେଖାଯାଇଛି।



ବଡ଼ସାହି ବଜାରରେ ଜଣେ କାରିଗର ସୋଲ ଡଙ୍ଗା ତିଆରି କରି ବିକ୍ରି କରୁଛନ୍ତି।

- ଆଧୁନିକତାର ସ୍ରୋତରେ ହଜିଯାଇନି
- ପରମ୍ପରା ପାଳନ ଲାଗି ବଢୁଛି ଉତ୍ସାହ
- ମନ ମୋହୁଛି ରଙ୍ଗବେରଙ୍ଗ ଡଙ୍ଗା



ହକି ଷ୍ଟାଡିୟମ

# ନୂଆ ରୂପରେ କଳିଙ୍ଗ

ଭାରତର ଅଘୋଷିତ କ୍ରୀଡ଼ା ରାଜଧାନୀ ଭାବେ ବିବେଚିତ ହେଉଥିବା ଭୁବନେଶ୍ୱର ଉପରେ ଏବେ ସମଗ୍ର ବିଶ୍ୱବାସୀଙ୍କ ନଜର । ଏଠାରେ ନଭେମ୍ବର ୨୮ରୁ ହେବାକୁ ଯାଉଛି ହକି ବିଶ୍ୱକପ୍। ହକିର ଏହି ମହା କ୍ରୀଡ଼ାକୁମ୍ଭ ପାଇଁ ନୂଆ ରୂପରେ ସଜେଇ ହୋଇଛି କଳିଙ୍ଗ ଷ୍ଟାଡିୟମ। ପୂର୍ବର ହକି କମ୍ପ୍ଲେକ୍ସକୁ ପରିବର୍ଦ୍ଧିତ କରାଯାଇ ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ନୂଆକରି ନିର୍ମାଣ କରାଯାଇଛି। ପୂର୍ବରୁ କେବଳ ଇଷ୍ଟ ଓ ୱେଷ୍ଟ ଷ୍ଟାଣ୍ଡ ଥିଲା। ୪ଟି ଯାକ ଷ୍ଟାଣ୍ଡକୁ ଯିବା ପାଇଁ ରାସ୍ତା ପ୍ରଶସ୍ତ କରାଯାଇଛି। ଷ୍ଟାଡିୟମର ମୁଖ୍ୟ ପ୍ରବେଶ ପଥ ଭାବେ ବିବେଚିତ ହେଉଥିବା ୩ ଓ ୪ ନମ୍ବର ଗେଟ୍‌କୁ ୨ ଲେନ୍ ବିଶିଷ୍ଟ କରାଯାଇଛି। ଗମନାଗମନର ସୁବିଧା ପାଇଁ ୮ଏ, ୮ବି, ୭ଏ ଓ ୪ଏ ନୂଆ ଗେଟ୍ ଖୋଲାଯାଇଛି। ୨-୩ ଏବଂ ୪-୫ ଗେଟ୍ ମଝିରେ ୨ଟି ଫୁଟ୍ ଓଭର ବ୍ରିଜ ନିର୍ମାଣ କରାଯାଇଛି। ଫଳରେ ଏହାକୁ ବ୍ୟବହାର କରି ଦର୍ଶକମାନେ ସିଧା ନର୍ଥ ଓ ସାଉଥ୍ ଷ୍ଟାଣ୍ଡକୁ ଯାଇପାରିବେ। ଷ୍ଟାଡିୟମ ପରିସରରେ ପ୍ରାକୃତିକ ପରିବେଶ ସୃଷ୍ଟି କରାଯିବା ସହ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଛି।



ଫୁଟ ଓଭରବ୍ରିଜ



୩ ନଂ ଗେଟ୍


ହକି ଷ୍ଟାଡିୟମର ସମ୍ମୁଖ ଭାଗ।

ଫଟୋ: ମୌସମ ନନ୍ଦ

# ରହମନଙ୍କ ଆହ୍ୱାନ

ଭୁବନେଶ୍ୱର,୨୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅବ୍ୟବହିତ ପୂର୍ବରୁ ଏଥିରେ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଯାଉଥିବା ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ ହକି ପ୍ରଶଂସକଙ୍କ ପାଇଁ ଏକ ସ୍ୱତନ୍ତ୍ର ତଥା ଭିନ୍ନ ପ୍ରକାର ଆହ୍ୱାନ ଦେଇଛନ୍ତି। ବିଶ୍ୱକପ୍‌ର ଅଫିସିଆଲ ଗୀତ 'ଜୟ ଇଣ୍ଡିଆ' ପାଇଁ ସେ ଏକ ହୁକ୍ ଷ୍ଟେପ୍ ଜାରି କରିଛନ୍ତି। ରହମନ ଟୁଇଟରରେ ଏକ ଟିଜର ଭିଡିଓ ଜାରି କରିଛନ୍ତି ଯେଉଁଥିରେ ସୁପରଷ୍ଟାର ଶାହରୁଖ ଖାନ୍ ଓ ସେ ମିଳିତ ଭାବେ ହୁକ୍ ଷ୍ଟେପ୍ କରୁଛନ୍ତି ଓ ଏହି ହକି ଷ୍ଟେପ୍ କରିବା ପାଇଁ ସେ ହକି ପ୍ରେମୀଙ୍କୁ ଚ୍ୟାଲେଞ୍ଜ୍ କରିଛନ୍ତି।

ଏହି ଚ୍ୟାଲେଞ୍ଜରୁ ରହମନ ଦୁଇଜଣ ବିଜେତା ଚୟନ କରିବେ ଓ ଏହି ଦୁଇଜଣ ଉଦ୍‌ଘାଟନୀ ସମାରୋହରେ ଶାହରୁଖ ଓ ତାଙ୍କ ସହିତ ମଞ୍ଚକୁ ଯିବାର ସୁଯୋଗ ପାଇବେ।

ଏହି ଚ୍ୟାଲେଞ୍ଜ୍‌ରେ ଅଂଶଗ୍ରହଣ କରିବା ପାଇଁ ହାସ୍‌ଟାଗ ହାର୍ଟବିଟ୍ ଫର ହକିକୁ ବ୍ୟବହାର କରି ସୋସିଆଲ ମିଡିଆରେ ଏକ ଭିଡିଓ ଅପ୍‌ଲୋଡ କରିବାକୁ ହେବ। ଏହି ଚ୍ୟାଲେଞ୍ଜ୍ ଦ୍ୱାରା ରହମନ ଭାରତୀୟ ଦଳ ପ୍ରତି ସମର୍ଥନ ହାସଲ କରିବା ପାଇଁ କ୍ରୀଡ଼ାପ୍ରେମୀଙ୍କ ମନରେ ଆହୁରି ପ୍ରବଳ ଉତ୍ସାହ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଏହା ହକିପ୍ରେମୀଙ୍କୁ ଆହୁରି ଉତ୍ସାହିତ କରିବ।

## ଷ୍ଟେପ୍ ଚ୍ୟାଲେଞ୍ଜ୍ ସମ୍ପର୍କରେ

**ଷ୍ଟେପ୍:** ହକି ବାଡ଼ିଟି ପଡିଆରେ ବାଡେଇ ହେବା ବେଳେ ଯେଉଁ ଶବ୍ଦ ସୃଷ୍ଟି ହୁଏ ସେଥିରେ ରହମନ ଅନୁପ୍ରାଣିତ ହୋଇଥିଲେ ଓ ତାହା ଜୟ ଇଣ୍ଡିଆକୁ ବିଟ୍ ପ୍ରଦାନ କରିଛି ଓ ସେହିଠାରୁ ଏହି ଷ୍ଟେପ୍ ସୃଷ୍ଟି ହୋଇଛି। ଏହି ଷ୍ଟେପ୍‌ରେ ରହମନ ଏକ ଷ୍ଟିକ୍ ଧରିଛନ୍ତି ଓ ତାହାକୁ ପଡିଆରେ ବାଡ଼ଉଛନ୍ତି ଓ ଏହା ପରେ ନିଜର ହୃଦୟକୁ ଏଭଳି ଚାପ ଦେଉଛନ୍ତି ଓ ଜୋରରେ କହୁଛନ୍ତି ମାଇଁ ହାର୍ଟ ବିଟ୍ ଫର ହକି ବା ମେରା ଦିଲ୍ ହକି କେଲିଏ ଧଡକ୍‌ତା ହେ।

**ଚ୍ୟାଲେଞ୍ଜ୍:** ସେହି ଷ୍ଟେପ୍ କରି ନିଜର ଭିଡିଓକୁ ଏଆରଆର ଏଫ୍‌ବି ୱାଲ୍‌ରେ ଅପ୍‌ଲୋଡ କରନ୍ତୁ କିମ୍ବା ହାସ୍‌ଟ୍ୟାଗ ହାର୍ଟ ବିଟ୍ସ ଫର ହକି ଲେଖି ନିଜ ସୋସିଆଲ ମିଡିଆରେ ଅପ ଲୋଡ କରନ୍ତୁ।

**ବିଜେତା:** ଶାହରୁଖ ଓ ରହମନ ଦୁଇଜଣ ବିଜେତାଙ୍କୁ ଚୟନ କରିବେ ଓ ଏହି ଦୁଇ ଜଣ ଉଦ୍‌ଘାଟନୀ ଉତ୍ସବରେ ଜୟ ଇଣ୍ଡିଆ ମଞ୍ଚରେ ଲାଇଭ ପ୍ରଦର୍ଶନ କରିପାରିବେ।

ଉଲ୍ଲେଖଥାଉ କି, ହକି ବିଶ୍ୱକପ୍‌ର ଗୀତ ଜୟ ହିନ୍ଦ୍ ହିନ୍ଦ୍, ଜୟ ଇଣ୍ଡିଆକୁ ରହମନ ସଙ୍ଗୀତରେ ସଜାଇଛନ୍ତି ଓ ଗୀତିକାର ଗୁଲଜାର ଏହାର ରଚନା କରିଛନ୍ତି। ଏହି ମ୍ୟୁଜିକ ଭିଡିଓରେ ନୂତନ ଭାରତ ଓ ପାରମ୍ପରିକ ଏବଂ ସହରାଞ୍ଚଳ ପର୍ଯ୍ୟନ୍ତ ତୃଣମୂଳ ଭାରତକୁ ଦେଖିବାକୁ ମିଳିବ। ଏହାର କେନ୍ଦ୍ରରେ ରହିବ ହକି ଓ ଟିମ୍ ଇଣ୍ଡିଆ। ଏହି ଗୀତ ଓ ତା'ର ଭିଡିଓ ଯଥାକ୍ରମେ ଆସନ୍ତା ୨୩ ଓ ୨୫ ତାରିଖରେ ଉନ୍ମୋଚିତ ହେବ।


ଶାହରୁଖ ଖାନ ଓ ଏ.ଆର. ରହମନ।

# 'ବିପର୍ଯ୍ୟୟ ଘଟାଇବା ଦକ୍ଷତା ରଖିଛୁ'

ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି)

## ଫ୍ରାନ୍ସ ପହଞ୍ଚିଲା

କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ତୃତୀୟ ବିଦେଶୀ ଦଳ ଭାବେ ଫ୍ରାନ୍ସ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛି। ଲୋ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଟିମ୍ ହୋଇଥିଲେ ହେଁ ଫ୍ରାନ୍ସ ବିପର୍ଯ୍ୟୟ ସୃଷ୍ଟି କରିବାର ଦକ୍ଷତା ରଖିଛି ବୋଲି କହିଛନ୍ତି ଫ୍ରାନ୍ସ କୋଚ୍ ଡେଲ୍‌ମି ଜେରନ। ପ୍ରଥମ ଦୁଇ ଦଳ ଭାବେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ଓ ୧୫ ନମ୍ବର ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଦକ୍ଷିଣ ଆଫ୍ରିକା ବୁଧବାର ଏଠାରେ ପହଞ୍ଚିଥିଲା।

ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଫ୍ରାନ୍ସ ଏବେ ୨୦ ନମ୍ବର ସ୍ଥାନରେ ରହିଛି। ତେଣୁ ସବୁଠାରୁ ଲୋ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ ଭାବେ ଏହି ଦଳ ଆଗାମୀ ବିଶ୍ୱକପ୍ ଖେଳିବ। ତେବେ ର୍‍ୟାଙ୍କିଙ୍ଗ୍‌କୁ ନେଇ ଚିନ୍ତିତ ନୁହନ୍ତି ଜେରନ। ଆମେ କଳିଙ୍ଗ ଷ୍ଟାଡିୟମରେ ଶ୍ରେଷ୍ଠ ପ୍ରଦର୍ଶନ କରି ଉଚ୍ଚ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବାକୁ ଚେଷ୍ଟା କରିବୁ। ଫଳରେ ଆମ ପାଇଁ ଆଗକୁ ବଢ଼ିବା ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଆର୍ଜେଣ୍ଟିନା, ସ୍ପେନ୍ ଓ ନ୍ୟୁଜିଲାଣ୍ଡ ସହିତ ପୁଲ୍ 'ଏ'ରେ ସ୍ଥାନ ପାଇଥିବା ଫ୍ରାନ୍ସ ଲିଗ୍ ପର୍ଯ୍ୟାୟରେ ଅତିକମ୍‌ରେ ଗୋଟିଏ ବିଜୟ ହାସଲ କଲେ କ୍ରସ୍ ଓଭର ପାଇଁ ସୁଯୋଗ ସୃଷ୍ଟି କରିପାରିବ। "ଓଡ଼ିଶାରେ ହେବାକୁ ଯାଉଥିବା ପୁରୁଷ ହକି ବିଶ୍ୱକପ୍ ପାଇଁ ଆମେ ସବୁଠାରୁ ଲୋ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ। ଆମେ ଏକ କଷ୍ଟସାଧ୍ୟ ଗ୍ରୁପ୍‌ରେ ରହିଛୁ। ତେବେ ଏହାକୁ ଦୃଷ୍ଟିରେ ରଖି ଆମେ ଭଲ ପ୍ରସ୍ତୁତି କରିଛୁ। ଏଠାରେ ଭଲ ପ୍ରଦର୍ଶନ କରି ବିଶ୍ୱର ଟପ୍-୧୦ ର୍‍ୟାଙ୍କିଙ୍ଗ୍‌ର ନିକଟତର ହେବା ଆମର ମୁଖ୍ୟ ଲକ୍ଷ୍ୟ" ବୋଲି ଜେରନ କହିଛନ୍ତି। ନଭେମ୍ବର ୨୯ରେ ନ୍ୟୁଜିଲାଣ୍ଡ ସହିତ ମୁକାବିଲା କରି ଫ୍ରାନ୍ସ ଏହାର ଅଭିଯାନ ଆରମ୍ଭ କରିବ। "ଆମ ଦଳ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ। ଦିଲ୍ଲୀରେ ଅନୁଷ୍ଠିତ ୨୧ ବର୍ଷରୁ କମ୍ ହକି ବିଶ୍ୱକପ୍‌ରେ ଖେଳିଥିବା କେତେକ ଖେଳାଳିଙ୍କୁ ଆମେ ସିନିୟର ଦଳରେ ସାମିଲ କରିଛୁ। ଜୁନିୟର ବିଶ୍ୱକପ୍‌ରେ ଆମେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲୁ। ସେଠାରୁ ଆମ ଖେଳାଳିମାନେ ଭଲ ଅଭିଜ୍ଞତା ଲାଭ କରିଛନ୍ତି। ଟ୍ରେନିଂ ସମୟରେ ଆମେ କଠିନ ଅଭ୍ୟାସ କରିଛୁ। ପିଲାମାନେ ବଡ଼ ପ୍ଲାଟ୍‌ଫର୍ମରେ ଖେଳିବାକୁ ବ୍ୟଗ୍ର। ଅତିକମ୍‌ରେ ଗୋଟିଏ ବିପର୍ଯ୍ୟୟ ଘଟାଇ ପାରିଲେ ଆମ ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ ଲାଗି ସୁଯୋଗ ସୃଷ୍ଟି ହୋଇପାରିବ। ଆଗାମୀ ଟୁର୍ନାମେଣ୍ଟ ପାଇଁ ଆମ ଉପରେ କୌଣସି ଚାପ ନାହିଁ" ବୋଲି କହିଛନ୍ତି ଜେରନ।

**ଆଉ ୪ ଦିନ**

## ଆଜି ଆସିବ ସ୍ପେନ୍, ଇଂଲଣ୍ଡ, ନ୍ୟୁଜିଲାଣ୍ଡ

ହକି ବିଶ୍ୱକପ୍‌ରେ ଭାଗନେବା ପାଇଁ ବିଶ୍ୱର ୭, ୮ ଓ ୯ ନମ୍ବର ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ ଇଂଲଣ୍ଡ, ସ୍ପେନ୍ ଓ ନ୍ୟୁଜିଲାଣ୍ଡ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ସ୍ପେନ୍ ସକାଳ ୯ଟାରେ ଏବଂ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ରାତି ୧୧ଟା ୨୫ରେ ବିଜୁ ପଟ୍ଟନାୟକ ବିମାନବନ୍ଦରର ଟର୍ମିନାଲ-୨ରେ ପହଞ୍ଚିବ।

## ସଂକ୍ଷେପରେ

### ପୋଲିସ ହେପାଜତରୁ ଚମ୍ପଟ ଲୁଟେରା ଗିରଫ

**ଯୋଡ଼ା, ୨୨।୧୧(ଡି.ଏନ.ଏ.):** ଯୋଡ଼ା ଥାନା ଦେଓଝର ରାସ୍ତାରେ ଘଟିଥିବା ଏକ ହାଇଓ୍ୱା ଲୁଟ୍ ଘଟଣାରେ ଗିରଫ ପରେ ଜଣେ ଲୁଟେରା ଯୋଡା ଥାନା ପୋଲିସ ହେପାଜତରୁ ଚମ୍ପଟ ମାରିଥିଲେ। ଗୁରୁବାର ଲୁଟେରା ମୋଟୁ ମାଝିଙ୍କୁ ଝାଡ଼ଖଣ୍ଡ ରାଜ୍ୟର ନୂଆମୁଣ୍ଡିଠାରୁ ଯୋଡ଼ା ପୋଲିସ ଗିରଫ କରିଛି। ଦେଓଝର ରାସ୍ତାରେ ଏକ ହାଇଓ୍ୱା ଲୁଟ୍ ହୋଇଥିଲା। ଏହି ଘଟଣାରେ ନୂଆମୁଣ୍ଡିରୁ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଯୋଡା ଥାନା ପୋଲିସ ହେପାଜତରେ ସେମାନେ ଥିଲେ। ଗତ ୬ ତାରିଖ ପୋଲିସ ହେପାଜତରୁ ମୋଟୁ ଚମ୍ପଟ ମାରିଥିଲେ। ମୋଟୁ ଝାଡ଼ଖଣ୍ଡ ରାଜ୍ୟର ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଭାବେ ପରିଚିତ। ତାଙ୍କ ନାମରେ ବହୁ ଟ୍ରକ୍ ଲୁଟ୍ ମାମଲା ଝାଡ଼ଖଣ୍ଡର ନୂଆମୁଣ୍ଡି ଓ ଜଗନାଥପୁର ଥାନାରେ ରହିଥିବା ବିଲେଇପଦା ଫାଣ୍ଡି ଅଧିକାରୀ ନରେଶ କୁମାର ଦାସ କହିଛନ୍ତି।

### ଅଧାପନ୍ତରିଆ ଭିଆଇପି ରୋଡ୍

**ଆନନ୍ଦପୁର, ୨୨।୧୧(ସ୍ୱ.ପ୍ର.):** ଆନନ୍ଦପୁର ପୂର୍ତ୍ତ ବିଭାଗ ବିଭାଗ ଅଧୀନ ଖପରାଖାଇ ଛକରୁ ଘସିପୁରା ବାଇପାସ୍ ପର୍ଯ୍ୟନ୍ତ ଭିଆଇପି ରୋଡ୍ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ପକ୍ଷରୁ ପୁରୁଣା ରାସ୍ତାର ପିଚୁ ଉଠାଇଦିଆଯାଇଥିବାରୁ ଯାତାୟାତ ଅନୁପଯୋଗୀ ହୋଇପଡିଛି। ରାସ୍ତା ନିର୍ମାଣ ନେଇ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନି। ଖାଲଖମା ସୃଷ୍ଟି ହୋଇ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଭିଆଇପି ରୋଡ ସଂଲଗ୍ନ ଡ୍ରେନ୍ କାର୍ଯ୍ୟ ବି ଅଧାପନ୍ତରିଆ ହୋଇପଡିରହିଛି।

### ଆନ୍ତଃ ସ୍କୁଲ ବିଜ୍ଞାନ ପ୍ରଦର୍ଶନୀ

**କେନ୍ଦୁଝର, ୨୨।୧୧(ସ୍ୱ.ପ୍ର.):** ସ୍ଥାନୀୟ ଡିମ୍ବୋସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟରେ ଅଧକ୍ଷ ଡକ୍ଟର ଦିବ୍ୟ କିଶୋର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆନ୍ତଃ ସ୍କୁଲ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତାପ କୁମାର ପରିଡ଼ା, ସମ୍ମାନିତ ଅତିଥି ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର, ବିଦ୍ୟାଳୟର ଚେୟାରମ୍ୟାନ ଇଂ. ଦେବବ୍ରତ ବେହେରା ଯୋଗଦେଇଥିଲେ। ରବୀନ୍ଦ୍ର ବିଦ୍ୟାନିକେତନର ଡିନ୍ ପ୍ରଶାନ୍ତ ନାୟାର, ନିର୍ମଳା କନ୍‌ଭେଣ୍ଟ ସ୍କୁଲର ଅଧକ୍ଷା ସିଷ୍ଟର କୁସୁମ ଅତିଥି ଭାବେ ଯୋଗଦେଇଥିଲେ। ଡମ୍ବରୁଧର ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଶାଶ୍ୱତୀ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ରାଇସୁଆଁ, ୨୨।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଜିଲା ସଦର ବ୍ଲକ ମଇଦାନକେଲ ପଞ୍ଚାୟତ ଗୃହରେ ଗୁରୁବାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗାଁ କଲ୍ୟାଣ ସମିତି ମମ୍ମିଳନୀ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବସନ୍ତ ପାତ୍ର, ଡା. ଶିବଚରଣ ବାଗ, ଡା. ଶୋଭନ ପାଢୀ, ସରପଞ୍ଚ ସଞ୍ଜୁଲତା ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ।

### ନାଶନାଲ ସ୍କୁଲ ଅଫ୍ ଡ୍ରାମାର ଖବରଦାତା ସମ୍ମିଳନୀ

**କେନ୍ଦୁଝର, ୨୨।୧୧(ସ୍ୱ.ପ୍ର.):** ସ୍ଥାନୀୟ ଏକ ହୋଟେଲରେ ନାଶନାଲ ସ୍କୁଲ ଅଫ୍ ଡ୍ରାମା ଦ୍ୱାରା ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଦିରଙ୍ଗ ମହୋତ୍ସବ, ରାଷ୍ଟ୍ରୀୟ ଜନଜାତୀୟ ମହୋତ୍ସବ କେନ୍ଦୁଝରରେ ହେବ ବୋଲି ସ୍କୁଲର ସଚିବ ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଥିଲେ। ଏହି ମହୋତ୍ସବରେ ଆଦିବାସୀ କଳା, ନୃତ୍ୟ ସଙ୍ଗୀତ ସହିତ ହସ୍ତକଳା ପ୍ରଦର୍ଶନ, ଡ୍ରାମା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏଥିରେ ପାଞ୍ଚଶହରୁ ଊର୍ଦ୍ଧ୍ୱ କଳାକାର ସାମିଲ ହେବେ। ଜିଲାପାଳ ଆଶିଷ ଠାକରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ଓ ସ୍କୁଲର ଅଧିକାରୀଗଣ ଉପସ୍ଥିତ ଥିଲେ। ବିପ୍ଳବୀ ଧରଣୀ ଭୂୟାଁଙ୍କ ଉପରେ ନାଟକ ମଞ୍ଚସ୍ଥ ହେବ ବୋଲି ସୂଚନା ଦେଇଥିଲେ।

# ୧୦ ବର୍ଷରେ ୪୧ ହାତୀ ମୃତ

**କେନ୍ଦୁଝର, ୨୨।୧୧ (ସ୍ୱ.ପ୍ର.)**



**କେନ୍ଦୁଝର ବନଖଣ୍ଡ**
**୨୨ ଅସ୍ୱାଭାବିକ ମୃତ୍ୟୁ**
**୬ ରେଳ ଦୁର୍ଘଟଣାରେ ମରିଛନ୍ତି**

ସଙ୍କଟରେ ଗଜାନନ। ଗତ ୧୦ ବର୍ଷ ମଧ୍ୟରେ କେନ୍ଦୁଝର ବନଖଣ୍ଡ ଅଧୀନରେ ସମୁଦାୟ ୪୧ଟି ହାତୀଙ୍କ ଜୀବନ ଗଲାଣି। ସେଥି ମଧ୍ୟରୁ ୨୨ ହାତୀର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏ ନେଇ ପରିବେଶବିତମାନେ ଚିନ୍ତା ପ୍ରକଟ କରିଛନ୍ତି। ରେଳ ଦୁର୍ଘଟଣାରେ ୬ ହାତୀର ଜୀବନ ଯାଇ ସାରିଲାଣି। ଗତ ୨୦ ବର୍ଷର ହିସାବକୁ ନେଲେ ୧୦ରୁ ଊର୍ଦ୍ଧ୍ୱ ହାତୀ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା କୁହାଯାଉଛି। ହସ୍ତଗତ ହୋଇଥିବା ସୂଚନା ଅନୁଯାୟୀ, ୨୦୧୨-୧୩ରେ ୫ଟି ହାତୀ ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ବୁଧବାର ରାତିରେ ରେଳ ଦୁର୍ଘଟଣାରେ ଏକ ହାତୀର ମୃତ୍ୟୁ ଘଟିଛି। ୨୦୦୮-୯ରେ ୨, ୨୦୦୯-୧୦ରେ ୧, ୨୦୧୦-୧୧ରେ ୬, ୨୦୧୧-୧୨ରେ ୩ ହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ୨୦୧୨-୧୩ରେ ୫ ହାତୀର ରେଳ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ୨୦୧୩-୧୪ରେ ୪ଟି ହାତୀର ମୃତ୍ୟୁ ଘଟିଥିଲା। ୨୦୧୪-୧୫ରେ ୨ ହାତୀର ଆନ୍ଥ୍ରାକ୍ସ ରୋଗରେ ମୃତ୍ୟୁ ହୋଇଥିଲା। ୨୦୧୫-୧୬ରେ ଗୋଟିଏ ହାତୀର ବିଦ୍ୟୁତ୍ ଆଘାତରେ, ଗୋଟିଏ ଆନ୍ଥ୍ରାକ୍ସ ରୋଗରେ ମୃତ୍ୟୁ ହୋଇଥିଲା। ୨୦୧୬-୧୭ରେ କୌଣସି ହାତୀର ମୃତ୍ୟୁ ହୋଇ ନ ଥିବା ଜଣାପଡିଛି। ୨୦୧୭-୧୮ରେ ୨ ହାତୀର ମୃତ୍ୟୁ ହୋଇଛି। ୨୦୧୮-୧୯ (ଅଦ୍ୟାବଧି)ରେ ୨ ହାତୀ ମଧ୍ୟରୁ ରେଳ ଦୁର୍ଘଟଣାରେ ଗୋଟିଏ ହାତୀର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

ବନ ବିଭାଗ ଅସ୍ୱାଭାବିକ ହାତୀ ମୃତ୍ୟୁ ରୋକିବା ପାଇଁ ପଦକ୍ଷେପ ନେଉଥିବା କହୁଛି। ଜିପିଏସ ସିଷ୍ଟମ ଜରିଆରେ ହାତୀର ଗତିପଥକୁ ନିରୀକ୍ଷଣ କରି ହାତୀ ସ୍କ୍ୱାର୍ଡ ଓ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଉଛନ୍ତି। ହାତୀଙ୍କୁ ଜନବସତିରୁ ଘଉଡାଇବା ପାଇଁ ପଦକ୍ଷେପ ନିଆଯାଉଥିବା ଜଣାଯାଇଛି। ସମ୍ଭାବ୍ୟ ବିଦ୍ୟୁତ୍ ଆଘାତ ଓ ରେଳ ଦୁର୍ଘଟଣାରୁ ସୁରକ୍ଷା ପାଇଁ ହାତୀଙ୍କ ଚଳପ୍ରଚଳକୁ ନିରୀକ୍ଷଣ କରି ରେଳ ଓ ବିଦ୍ୟୁତ ବିଭାଗକୁ ସୂଚନା ଦିଆଯାଉଥିବା ଡିଏଫଓ ସନ୍ତୋଷ ଜୋଷୀ କହିଛନ୍ତି। ବନ କର୍ମଚାରୀମାନେ ଜିପିଏସ ବ୍ୟବହାର କରୁ ନ ଥିବାରୁ ଅନେକ ସମୟରେ ହାତୀଙ୍କ ଚଳପ୍ରଚଳ ଜାଣି ପାରୁ ନ ଥିବା ଅଭିଯୋଗ ହେଉଛି। ହାତୀ ପଲ ଜଙ୍ଗଲରୁ ବାହାରି ଜନବସତି ବା ଚାଷ ଜମି ଅଞ୍ଚଳକୁ ଚାଲିଆସୁଛନ୍ତି। ଏହି କାରଣରୁ ହାତୀ ଓ ମଣିଷ ମଧ୍ୟରେ ଲଢ଼େଇ ହେଉଛି।

# ସ୍କୁଲ ଛାତ ଭୁଶୁଡ଼ିଲା



ବିଦ୍ୟାଳୟର ଛାତ ଭୁଶୁଡି ଯାଇଛି।

**କୋଲିମାଟି, ୨୨।୧୧**

ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତ ଦରଗୋଡ଼ିଶିଳା ପ୍ରାଥମିକ ବିଦ୍ୟାଳୟର ଛାତ ଭୁଶୁଡି ପଡିଛି। ବର୍ଷାଦିନେ ଛାତର କିଛି ଅଂଶ ଫାଟି ଯାଇଥିଲା। ମରାମତି କରାଯାଇଥିଲେ ହେଁ ତାହା ଭୁଶୁଡି ପଡିଛି। ବିଦ୍ୟାଳୟରେ ପଢ଼ା ଚାଲୁଥିବା ସମୟରେ ବାରଣ୍ଡାର ଛାତ ଗଳିପଡ଼ିଥିଲା। ଏଥିରେ ଛାତ୍ରୀଛାତ୍ର, ଶିକ୍ଷକଙ୍କ କିଛି ହୋଇନାହିଁ। କୋଳିମାଟି ପଞ୍ଚାୟତ ତଥା ୨୦ନଂ ଜାତୀୟ ରାଜପଥଠାରୁ ୧୫ କି.ମି. ଦୂର ଦୁର୍ଗମ ଅଞ୍ଚଳରେ ଉକ୍ତ ବିଦ୍ୟାଳୟ ରହିଛି। ଏ ନେଇ କୋଳିମାଟି ସରପଞ୍ଚ ଉତ୍ତରା ଧୀରଙ୍କୁ ପଚାରିବାରୁ ବିଦ୍ୟାଳୟ ବାବଦରେ ଆନନ୍ଦପୁର ବିଡିଓଙ୍କୁ ଜଣାଇ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

■ ଅଧ୍ୟକ୍ଷାଙ୍କ ନାଁରେ ରାଶନ କାର୍ଡ

# ପଦକ୍ଷେପ ଦାବି କଲା ଭାଜପା



ଜିଲାପାଳଙ୍କ କାର୍ଯ୍ୟାଳୟରେ ଭାଜପା କର୍ମକର୍ତ୍ତା।

**କେନ୍ଦୁଝର, ୨୨।୧୧ (ସ୍ୱ.ପ୍ର.)**

ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ରଙ୍କ ନାଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ତାଲିକାରେ ରହିଛି। ତାଙ୍କୁ ରାଶନ କାର୍ଡ ମିଳିଛି। ଏ ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ବୁଧବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଭାଜପା ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଲିଖିତ ଜଣାଇ କାର୍ଡ ବାଦ ଦେବାକୁ ଦାବି କରିଛନ୍ତି। କମଳିନୀଙ୍କ ନାମରେ ମହାଦେଇଯୋଡା ପଞ୍ଚାୟତରେ ରାଶନ କାର୍ଡ (କାର୍ଡ ନମ୍ବର ୧୮୦୧୧୧୦୩୭୩ ଓ ସିରିଏଲ ନମ୍ବର ୩୩୯) ରହିଥିବା ଅଭିଯୋଗ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ହୋଇ କିପରି ରାଶନ କାର୍ଡ ପାଇବାକୁ ଯୋଗ୍ୟ ହେଲେ ସେନେଇ ପ୍ରଶ୍ନ ଉଠାଇବା ସହ ପଦକ୍ଷେପ ନେବାକୁ ଦାବି ହୋଇଛି। ପୂର୍ବତନ ବିଧାୟକ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ଭାଜପା ମହିଳା ନେତ୍ରୀ ସାବିତ୍ରୀ ବିଶ୍ୱାଳ, ସୁମତି ଜେନା, ମମତା ସିଂ ସମେତ ଅନ୍ୟମାନେ ଲିଖିତ ଜଣାଇଛନ୍ତି।

## ପୁରୁଣାସାହିରେ ଲକ୍ଷ୍ମୀନାରାୟଣ ପୂଜା

**ଘସିପୁରା, ୨୨।୧୧**

ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ପଦ୍ମପୁର ୨ନଂ. ୱାର୍ଡ଼ ପୁରୁଣାସାହିରେ ଲକ୍ଷ୍ମୀନାରାୟଣ ପୂଜା ଆରମ୍ଭ ହୋଇଛି। ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଉକ୍ତ ପୂଜା ଆୟୋଜିତ ହୋଇଆସୁଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ବେଳେ ମଣ୍ଡପରେ ଭକ୍ତଙ୍କ ଭିଡ଼ ହେଉଛି ବୋଲି ପୂଜା କମିଟିର ସଭାପତି ଅରୁଣ ସାହୁ ପ୍ରକାଶ କରିଛନ୍ତି। ପଣ୍ଡାସାହିରେ ମଧ ଲକ୍ଷ୍ମୀନାରାୟଣଙ୍କ ପୂଜା ପାଳିତ ହେଉଛି। ପୂଜା କାର୍ଯ୍ୟକୁ କମିଟିର ସମ୍ପାଦକ ମାଧବାନନ୍ଦ ସାହୁ, ଗୋପାଳ ସାହୁ, ପୀତାମ୍ବର ସାହୁ, ଆଦିକନ୍ଦ ବେହେରା, ନାରାୟଣ ସାହୁ, ପ୍ରଶାନ୍ତ ସାହୁ, ଦାସିଆ ସାହୁ, ସୁବାସ ସାହୁ, ପ୍ରଫୁଲ୍ଲ ସାହୁ, ଦୀପକ ସାହୁ, ଅଭିମନ୍ୟୁ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି।

■ କାଠ ବୋଝେଇ ଗାଡି ଜବତ ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କ ସହ ୪ ଗିରଫ

**ବଡ଼ବିଲ, ୨୨।୧୧(ସ୍ୱ.ପ୍ର.)**



ମୁଖ୍ୟ ଅଭିଯୁକ୍ତଙ୍କ ସହ ରିମାଣ୍ଡରେ ଆସିଥିବା ଦୁଇ ଯୁବକ।

ବଡବିଲ ପୋଲିସ ସବ୍‌ଡିଭିଜନର ରୁଗୁଡି ଥାନା ପୋଲିସ ସୋମବାର ଚୋରା କାଠ ବୋଝେଇ ୨ ସ୍କର୍ପିଓକୁ ଜବତ କରିଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି ବଡବିଲ ବନ ବିଭାଗକୁ ହସ୍ତାନ୍ତର କରିବା ଘଟଣାରେ ନୂଆ ମୋଡ ଆସିଛି। କାଠ ଚୋରାଚାଲାଣର ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣଙ୍କ ହେଲେ କେନ୍ଦୁଝର ଢେଙ୍କିକୋଟସ୍ଥିତ ଚାନ୍ଦପୋଶି ଅଞ୍ଚଳରେ ରହୁଥିବା ଝାଡଖଣ୍ଡ ଗିରିଡିହି ଜିଲା ଧାନବାଦସ୍ଥିତ ମାନକଡିହୀ ଅଞ୍ଚଳର ଏମଡି କୁତବୁଦ୍ଦିନ। ବନ ବିଭାଗ ଆହୁରି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଜବତ କରିଥିଲା ବେଳେ ସୁନ୍ଦରଗଡ ଜିଲା ତୋଡା ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ବିଶାଳ ଶାଳ ଗଛ ଗୁଡିକ କଟାଯାଇ ଆମଦାନୀ ହେଉଥିବା ଜଣାପଡିଛି। ଗିରଫଙ୍କ ମଧ୍ୟରୁ ସଞ୍ଜୀବ ପ୍ରଜାପତି ଏବଂ ସେକ୍ ସଲିମଙ୍କୁ ରିମାଣ୍ଡରେ ନେବାକୁ ବନ ବିଭାଗ କୋର୍ଟରେ ଆବେଦନ କରିଥିଲା। ସଞ୍ଜୀବ ଓ ସଲିମଙ୍କୁ ବନ ବିଭାଗ ରିମାଣ୍ଡରେ ନେଇ କାଠ ଚୋରାଚାଲାଣର ମୁଖ୍ୟ ଅଭିଯୁକ୍ତ ଏମଡି କୁତବୁଦ୍ଦିନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ବୋଲି ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ କହିଛନ୍ତି।

# ଆଇଆଇସିଏମ୍‌ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଆନନ୍ଦପୁର, ୨୨।୧୧(ସ୍ୱ.ପ୍ର.)**



ରାଜ୍ୟପାଳଙ୍କଠାରୁ ସମ୍ବର୍ଦ୍ଧିତ ହେଉଥିବା କୃତୀ ଛାତ୍ରୀ।

ଆନନ୍ଦପୁର ଆଇଆଇସିଏମ୍‌ର ଛାତ୍ରୀ ଆଇଟି କ୍ଷେତ୍ରରେ ସଫଳତା ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ଓଡ଼ିଶା କଲେଜ କର୍ପୋରେଶନ୍ ଲିମିଟେଡ ଆନୁକୂଲ୍ୟରେ ହୋଇଥିବା ଜିଲା ଓ ରାଜ୍ୟସ୍ତରୀୟ ଆଇଟି ଜିନିୟସ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତ ବେଲଦା ଗ୍ରାମର ଛାତ୍ରୀ ରିତାରାଣୀ ଦାସ ସମଗ୍ର ଜିଲା ତଥା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ଉପଲକ୍ଷେ ଭୁବନେଶ୍ୱର କିଟ୍ ଅଡିଟୋରିୟମ୍ ପରିସରରେ ହୋଇଥିବା ଏକ ଭବ୍ୟ ସମାରୋହରେ ରାଜ୍ୟପାଳ ଗଣେଶି ଲାଲ୍ ଛାତ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରିତାରାଣୀ ବେଲଦା ଗ୍ରାମର ରବୀନ୍ଦ୍ର ଦାସ ଓ ଅହଲ୍ୟା ଦାସଙ୍କର କନିଷ୍ଠ କନ୍ୟା। ଛାତ୍ରୀଙ୍କ ଏଭଳି ସଫଳତାକୁ ନେଇ ଆଇଆଇସିଏମ୍‌ର ନିର୍ଦ୍ଦେଶକ ମନୋଜ ମହାନ୍ତି ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

■ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ରାଜପଥରେ ଯାତାୟାତ ଠପ୍

**ଯୋଡ଼ା, ୨୨।୧୧(ଡି.ଏନ.ଏ.)**

ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟାରୁ କେନ୍ଦୁଝର ଜିଲା ଯୋଡ଼ା, ବଡ଼ବିଲ ସହରକୁ ଯୋଗାଯୋଗ ବୁଧବାର ଠପ୍ ହୋଇଛି। ଯାତ୍ରୀବାହୀ ବସ୍‌ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଓ ଅନ୍ୟ ଯାନବାହନ ଜାତୀୟ ରାଜପଥରେ ଅଟକି ରହୁଛି। ଯୋଡା ଥାନା ବିଲେଇପଦାଠାରୁ ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ପର୍ଯ୍ୟନ୍ତ ୨୧୫ନଂ ଜାତୀୟ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଖଣିଜ ବୋଝେଇ ଟ୍ରକ୍‌ଗୁଡିକର ବେପରୁଆ ପାର୍କିଂ, ରାସ୍ତାର ଦୁରବସ୍ଥା ଏବଂ କିଛି ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ହେଉଥିବା ଡାଇଭର୍ସନ ଟ୍ରାଫିକ ଜାମ୍‌ର ମୁଖ୍ୟ କାରଣ। ବୁଧବାର ଯୋଡା, ବଡ଼ବିଲକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିଲା। ଅତ୍ୟାବଶ୍ୟକ ଦୁଗ୍ଧ ଯୋଗାଣ, ପେଟ୍ରୋଲ, ଡିଜେଲ ଟ୍ୟାଙ୍କର, ଯାତ୍ରୀବାହୀ ବସ୍, ଖବରକାଗଜ, ପରିବାପତ୍ର ମଧ ପହଞ୍ଚି ପାରି ନ ଥିଲା। ଖଣିଜ ବୋଝେଇ ଟ୍ରକ୍ ପାଇଁ ଟ୍ରାଫିକ ସମସ୍ୟା ହେଉଛି ବୋଲି ବ୍ୟବସାୟୀ କ୍ଷୀରମଣି ମହାନ୍ତ କହିଛନ୍ତି। ଯାତ୍ରୀ ସୁବ୍ରତ ଲେଙ୍କା, ଅଶ୍ୱିନୀ ତ୍ରିପାଠୀ, କୁନୁ ମହାନ୍ତି ପ୍ରମୁଖ କହିଛନ୍ତି ଯେ, ଟ୍ରାଫିକ ଜାମ୍‌ରେ ଅଟୋ, ବାଇକ୍ ଚାଲିପାରୁନାହିଁ। ଚାଲି ଚାଲି ଯୋଡା, ବଡ଼ବିଲକୁ ଯିବା ପାଇଁ ବାଧ ହେଉଛୁ।

## ରାସ୍ତା କାର୍ଯ୍ୟ ନିମ୍ନମାନର

**ଯୋଡ଼ା, ୨୨।୧୧(ଡି.ଏନ.ଏ.)**

ଯୋଡ଼ା ସହରର ବସ୍‌ଷ୍ଟାଣ୍ଡ ନିକଟସ୍ଥ ସୁପର ମାର୍କେଟରେ ନୂତନ ଭାବେ ନିର୍ମିତ ରାସ୍ତା ନିମ୍ନମାନର ହୋଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପୌରପାଳିକା ପକ୍ଷରୁ ୧ ମାସ ହେବ ସୁପର ମାର୍କେଟ୍‌ରେ ରାସ୍ତା ନିର୍ମାଣ କରାଯାଇଥିଲା। ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ରାସ୍ତାରୁ ଫ୍ଲେକ୍ସ ଇଟା ଉଠିଯାଇଛି। ଉକ୍ତ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା କାମରେ ଅନିୟମିତତା ହୋଇଥିବା ସୁମିତ ଦାସ, ଲିଟୁ ସାମଲ, ରାଜେନ୍ ଗୁପ୍ତା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କୁ ପଚାରିବାରୁ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ରାଜୁ ଦାସ ନାମକ ଜଣେ ଠିକାଦାରଙ୍କୁ ଦିଆଯାଇଛି। କାର୍ଯ୍ୟ ନିମ୍ନମାନର ହୋଇଥିଲେ ତଦାରଖ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କେନ୍ଦୁଝରରେ ନିଯୁକ୍ତି ମେଳା

**କେନ୍ଦୁଝର, ୨୨।୧୧(ସ୍ୱ.ପ୍ର.)**

ସ୍ଥାନୀୟ ଓଡ଼ିଶା ସ୍କୁଲ ଅଫ୍ ମାଇନିଂ ଇଞ୍ଜିନିୟରିଂ ପରିସରରେ ବୁଧବାର ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନସ୍ଥ ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେଶନର ସ୍କିଲ ଇଣ୍ଡିଆ ମିଶନ ଦ୍ୱାରା ୩ ଦିନିଆ ବିଶାଳ ନିଯୁକ୍ତି ମେଳାର ଶୁଭାରମ୍ଭ ହୋଇଛି। ମେଳାରେ ୩୯ଟି ଷ୍ଟଲ୍ ଖୋଲିଛି। ପ୍ରଥମ ଦିନ ୧୨ଶହରୁ ଊର୍ଦ୍ଧ୍ୱ ଯୁବତୀଯୁବକ ମେଳାକୁ ଆସିଥିଲେ। ପ୍ରଥମ ଦିନରେ ୭ ଶହରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ହୋଇଥିବା ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି। ବୁଧବାର ୩୫୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କର କାଉନ୍‌ସେଲିଂ ହୋଇଥିଲା। ମେଳାରେ ଅନେକ କମ୍ପାନୀ ଅଂଶଗ୍ରହଣ କରିବା ସହ ଅଷ୍ଟମ, ଦଶମ, ଦ୍ୱାଦଶ ପାସ୍, ଆଇଟିଆଇ, ଡିପ୍ଲୋମାଧାରୀ, ଦକ୍ଷତାଧାରୀ ଏବଂ ସ୍ନାତକ ଶିକ୍ଷା ଯୋଗ୍ୟତାସମ୍ପନ୍ନ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଣାପଡିଛି।



ନିଯୁକ୍ତି ମେଳାରେ ପଞ୍ଜୀକରଣ କରୁଛନ୍ତି ଯୁବତୀଯୁବକ।

# ବେଧଡ଼କ ଶାଳଗଛ କଟା

**ଝୁମ୍ପୁରା, ୨୨।୧୧(ଡି.ଏନ.ଏ.)**



ଜଙ୍ଗଲରୁ କଟାଯାଇଥିବା ଗଛ।

■ କ୍ଷୟ ହେଉଛି ଜଙ୍ଗଲ
■ ଶୁଣିବାକୁ କେହି ନାହାଁନ୍ତି
■ ପ୍ରଶାସନ ନୀରବଦ୍ରଷ୍ଟା

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଅନ୍ତର୍ଗତ ବାମେବାରୀ ଫରେଷ୍ଟ ବାଲିବନ୍ଧ ସେକ୍ସନ ଜଙ୍ଗଲରେ ବେଧଡ଼କ ଶାଗୁଆନ ଗଛ କଟାଯାଉଛି। ଏହି ଜଙ୍ଗଲ ଭିତରେ କାଠ ମାଫିଆ କଟା ଗଛର ଡିପୋ କରିଛନ୍ତି। ସବୁ ଜାଣି ବନ ବିଭାଗ ଚୁପ୍ ରହିଛି। ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ । ଫଳରେ ଜଙ୍ଗଲ ସମ୍ପଦ କ୍ଷୟ ହେଉଛି। ବାମେବାରୀ ଫରେଷ୍ଟ ବସନ୍ତପୁର, ନୟାଗଡ଼, କାଳିଆପାଳ, ଗୋଡୁଆଟୋପା, ଶ୍ରଦ୍ଧାପଙ୍କ ଅଞ୍ଚଳରେ ଥିବା ଘଞ୍ଚ ଜଙ୍ଗଲ ପଦା ହେବାକୁ ବସିଲାଣି। ବାଲିବନ୍ଧ ଫରେଷ୍ଟ କନକନା, ଜୟପୁର, ହରିଡାଯୋଡି, ବ୍ରାହ୍ମଣୀଝରୀ, କୁଟୁଗାଁ ଅଞ୍ଚଳର ଜଙ୍ଗଲଗୁଡିକ ମଧ ପଦା ହୋଇଛି। କନକନା ଅଞ୍ଚଳରେ ବ୍ୟାପକ ଜଙ୍ଗଲ, ଝରଣା ରହିଛି। ସେଠାରେ ହାତୀ, ଭାଲୁ, ହରିଣ, କୁଟୁରା ଆଦି ବନ୍ୟପ୍ରାଣୀ ରହୁଛନ୍ତି। ଏବେ ଜଙ୍ଗଲ କ୍ଷୟ ହେଉଥିବାରୁ ହାତୀ ଓ ଭାଲୁ ଗାଁମୁହାଁ ହେଉଛନ୍ତି। ଜଙ୍ଗଲ ଇଲାକାର ବସନ୍ତପୁର, କନକନା, କାଳିଆପାଳ, କୁଟୁଗାଁ ଗ୍ରାମଗୁଡିକରେ ସ୍ୱତନ୍ତ୍ର କାଠ ଡିପୋ କରାଯାଇଛି। ଜଙ୍ଗଲରୁ ଶାଳଗଛ କଟାଯାଇ ଡିପୋଗୁଡିକରେ ଜମା ହେଉଛି।

ଅନ୍ୟପକ୍ଷରେ ଜଙ୍ଗଲାଞ୍ଚଳରେ ଚାଲିଥିବା ସରକାରୀ ଯୋଜନାର କାମ ରାସ୍ତାର କଲଭର୍ଟ, ପୋଲ ସେଣ୍ଟ୍ରିଂ, ଘର ନିର୍ମାଣ କାମରେ ବହୁ ସଂଖ୍ୟାରେ ଶାଳଗଛ କଟାଯାଇ ବ୍ୟବହାର କରାଯାଉଛି। ଠିକାଦାରମାନେ ନିଜ ସୁବିଧା ଦୃଷ୍ଟିରୁ ଜଙ୍ଗଲରୁ ଗଛ କାଟି ପକାଉଛନ୍ତି। ଅଥବା ମାଫିଆମାନଙ୍କଠାରୁ କଟାଗଛ କିଣି କାମରେ ଲଗାଉଛନ୍ତି। ଏ ନେଇ ବହୁ ସମୟରେ ବନ ବିଭାଗ ନିକଟରେ ଅଭିଯୋଗ ହୋଇଛି। କିନ୍ତୁ ବନ ବିଭାଗ ନୀରବ ରହୁଛି। ଏ ନେଇ ବାମେବାରୀ ଫରେଷ୍ଟର ଯତୀନ୍ଦ୍ର ସାହୁ ଏବଂ ବାଲିବନ୍ଧ ଫରେଷ୍ଟର ବିଦ୍ୟାଧର ସାହୁଙ୍କୁ ପଚାରିବାରୁ ଗଛ କାଟିବା କିମ୍ବା ଗଛ ଚାଲାଣର ସୂଚନା ମିଳିଲେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଉଛି ବୋଲି ସେ କହିଛନ୍ତି।

## ମଦରଙ୍ଗାଯୋଡ଼ି ରାସ୍ତା ନେଲା ଜୀବନ

**ରାଇସୁଆଁ, ୨୨।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଥାନା ମହାଦେଇଯୋଡା ପଞ୍ଚାୟତ ମଦରଙ୍ଗା ଯୋଡି ଗ୍ରାମ ରାସ୍ତାରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଶୋଚନୀୟ ରାସ୍ତା ଯୋଗୁ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମଦରଙ୍ଗା ଯୋଡି ଗ୍ରାମର ଜମାଦାର ମାଝିଙ୍କ ସ୍ତ୍ରୀ ପାନ ତାଙ୍କ ଶିଶୁ ଛବିଙ୍କୁ ଚିକିତ୍ସା କରାଇ ଘରକୁ ଫେରୁଥିଲେ। ମାତ୍ର ମହାଦେଇଯୋଡାରୁ ନିଜ ଗ୍ରାମ ମଦରଙ୍ଗାଯୋଡିକୁ ଯିବା ପାଇଁ ଗାଡି ନ ଥିବାରୁ ଏକ ଟ୍ରାକ୍ଟରରେ ବସି ଘରକୁ ଫେରୁଥିଲେ। ରାସ୍ତା ଅବସ୍ଥା ଅତିଶୋଚନୀୟ ଥିବାରୁ ଟ୍ରାକ୍ଟରରୁ ସେମାନେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଛବିଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ପାନ ଗୁରୁତର ହୋଇଛନ୍ତି।